ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୦ ମାର୍ଚ୍ଚ, ୨୦୨୩



## ସଂକ୍ଷେପରେ

### ଶିଶୁକୁ ଛାଡ଼ି ମା'ବାପା ଫେରାର

**ଖଡ଼ିଆଳ,୧୯।୩(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ସାନମହେଶ୍ୱର ପଞ୍ଚାୟତର ଝୋଲପଥର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଅଢେଇ ମାସର ଶିଶୁକୁ ଛାଡି ମା' ବାପା ଫେରାର ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ନିରୀହ ଶିଶୁକୁ ଉଦ୍ଧାର କରିବା ପାଇଁ ଖଡ଼ିଆଳ ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି ପ୍ରଶାସନକୁ ଅନୁରୋଧ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତ ଦୁଇ ମାସ ପୂର୍ବରୁ ଶିଶୁର ବାପା କେଉଁ ଆଡେ ଚାଲିଯାଇଥିବା ବେଳେ ଗତ ଦୁଇଦିନ ପୂର୍ବେ ମା' କେଉଁ ଆଡେ ଚାଲି ଯାଇଛନ୍ତି। ଘରେ କେବଳ ବୃଦ୍ଧା ବିଧବା ଆଇ ଓ ଦିବ୍ୟାଙ୍ଗ ଝିଅ ଅଛନ୍ତି। ଗରିବ ପରିବାର ହୋଇଥିବା ବେଳେ ସେମାନଙ୍କ ପାଖରେ ଶିଶୁକୁ ଯତ୍ନ ନେବାକୁ ସକ୍ଷମ ହେଉ ନ ଥିବା ବୃଦ୍ଧା ଆଇ ପ୍ରକାଶ କରିଛନ୍ତି। ଖବର ପାଇ ଉପାଧକ୍ଷ ତାଣ୍ଡି ସମ୍ପୃକ୍ତ ପରିବାରକୁ ଯାଇ ଆଶ୍ୱାସନା ଦେବା ସହିତ ସରକାର ଯଦି ଶିଶୁକୁ ଉଦ୍ଧାର ନ କରେ ତାହେଲେ ସେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଶିଶୁର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପରିବାର ଓ ଗ୍ରାମବାସୀ ସମ୍ମୁଖରେ ପ୍ରତିଶ୍ରୁତି ଦେଇଥିଲେ। ଜିଲା ପ୍ରଶାସନ ତୁରନ୍ତ ନିରୀହ ଶିଶୁକୁ ଉଦ୍ଧାର କରି ତାର ଲାଳନ ପାଳନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ୧୪୩ଜଣଙ୍କୁ ଭତ୍ତା ପ୍ରଦାନ

**ଖଡ଼ିଆଳ,୧୯।୩(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ବ୍ଲକର ୨୬ଟି ଗ୍ରାମପଞ୍ଚାୟତର ରବିବାର ନୂତନ ଭାବେ ଭତ୍ତା ପ୍ରଦାନ କରାଯାଇଛି। ବ୍ଲକ ସଭାଗୃହରେ ଅନୁଷ୍ଠିତ ସଭାରେ ଖଡ଼ିଆଳ ବିଡିଓ ବୀରସେନ ବେହେରା, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଯୋଗଦେଇ ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ କରିଥିଲେ। ମୋଟ ୧୪୩ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ସେମାନଙ୍କୁ ମଧ୍ୟରୁ ୧୫ଜଣ ବିଧବା ଭତ୍ତା ପାଇଥିବା ବେଳେ ଦିବ୍ୟାଙ୍ଗ ଭତ୍ତା ଚାରିଜଣ ଓ ବାର୍ଦ୍ଧକ୍ୟ ଭତ୍ତା ୧୨୪ଜଣ ପାଇଥିଲେ। ବ୍ଲକର କୌଣସି ଯୋଗ୍ୟ ହିତାଧିକାରୀ ସାମାଜିକ କଲ୍ୟାଣ ଯୋଜନାରୁ ବଞ୍ଚିତ ହେବେନାହିଁ ବୋଲି ବିଡ଼ିଓ ପ୍ରକାଶ କରିଥିଲେ।

### ନୂତନ ଥାନାଧିକାରୀଙ୍କ ସହ ଆଇନଶୃଙ୍ଖଳା ନେଇ ଆଲୋଚନା

**ଲାଞ୍ଜିଗଡ଼,୧୯।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନାରେ ନୂତନ ଥାନାଧିକାରୀ ଭାବେ ଇନ୍ସପେକ୍ଟର ଉତ୍ତମ କୁମାର ସାହୁ ଯୋଗଦେଇଛନ୍ତି। ଥାନାରେ ଯୋଗଦେବା ପରେ ତାଙ୍କୁ ଲାଞ୍ଜିଗଡ଼ ପ୍ରେସ କ୍ଲବ ପକ୍ଷରୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହିତ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ନୂତନ ଥାନାଧିକାରୀ ସାହୁଙ୍କୁ ସାକ୍ଷାତ କରିବା ସହିତ ଅଞ୍ଚଳର ଆଇନଶୃଙ୍ଖଳାସ୍ଥିତି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଲାଞ୍ଜିଗଡ ଥାନାଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ଜୁନାଗଡ ଥାନାକୁ ବଦଳି ହୋଇଥିବାବେଳେ ତାଙ୍କ ସ୍ଥାନରେ ଜୁନାଗଡ଼ ଥାନା ଆଇଆଇସି ଉତ୍ତମ କୁମାର ସାହୁ ଥାନାଧିକାରୀ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି ।

### ୧୦୦ ଫୁଟ୍ ଖାଇରେ ଖସିପଡ଼ିଲା ଟ୍ରକ୍, ଚାଳକ ଗୁରୁତର

**ଲାଞ୍ଜିଗଡ଼,୧୯।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରରୁ ମୁଷାନାଳକୁ ସଂଯୋଗ କରୁଥିବା ରାସ୍ତା ହାତୀଶାଳ ଘାଟିରେ ୧୦୦ ଫୁଟ ଖାଇରେ ଖସିପଡ଼ି ଚାଳକ ଗୁରୁତର ଆହତ ହୋଇଛନ୍ତି। ସୂଚନାନୁସାରେ ଟ୍ରକ ନମ୍ବର ଏମଏଚ୩୪ଏଭି ୩୧୬୯ ବିଶାଖାପାଟଣାରୁ ରାୟଗଡ଼ା ଜିଲା କଲ୍ୟାଣସିଂହପୁର ସାର ବୋଝେଇ କରି ବିଶ୍ୱନାଥପୁର ପଟେ ଫେରୁଥିଲା। ଭାରସାମ୍ୟ ହରାଇ ଟ୍ରକ୍‌ଟି ହାତୀଶାଳ ଘାଟିର ୧୦୦ ଫୁଟ ଖାଇରେ ଖସି ପଡ଼ିଛି। ଏଥିରେ ଟ୍ରକଟି ଚୂରମାର ହୋଇଯାଇଥିବା ବେଳେ ବିହାରର ଡ୍ରାଇଭର ଚନ୍ଦନ ଯାଦବ ଓ ହେଲପର ଟି ଯାଦବଙ୍କୁ ଗୁରୁତର ଭାବେ ଉଦ୍ଧାର କରାଯାଇ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦୁଇଜଣ ବର୍ତ୍ତମାନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ବିଶ୍ୱନାଥପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# କଳାହାଣ୍ଡିରେ ସରୁନି ଦାଦନ ଦୁଃଖ

- ଆତ୍ମୀୟଙ୍କୁ ହରାଇ କାନ୍ଦୁଛନ୍ତି ଜାଜ୍ଞସେନୀ
- ମା'ବାପାଙ୍କ ପରେ ବଡଭାଇଙ୍କ ମୃତ୍ୟୁ
- ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି

**ଭବାନୀପାଟଣା,୧୯।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାରେ ଦିନକୁ ଦିନ ଦାଦନ ସମସ୍ୟା ଉଗ୍ର ରୂପ ଧାରଣ କରିଛି। ମାଳମାଳ ସରକାରୀ ଯୋଜନା ସତ୍ତ୍ୱେ ଏଠି ସରୁନି ଦାଦନ ଦୁଃଖ। ପେଟପାଟଣା ଆଶାରେ ଗରିବ ଲୋକେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ସେଠାରେ ନିର୍ଯାତନା ସହି ନ ପାରି ଅନେକଙ୍କ ମୃତ୍ୟୁ ହେଉଥିବାବେଳେ ଏବେ ବି ଅନେକ ନିଖୋଜ ଅଛନ୍ତି। ଏମିତି ଘଟଣା ପ୍ରତ୍ୟେକ ଦିନ ଗଣମାଧ୍ୟମର ଶିରୋନାମା ପାଲଟୁଛି। ଏଥିପ୍ରତି ଜିଲା ଶ୍ରମ ବିଭାଗ ତଥା ଜିଲା ପ୍ରଶାସନ ପକ୍ଷରୁ ବିଶେଷ ଦୃଷ୍ଟି ଦିଆଯାଉ ନ ଥିବାରୁ ଏହା ଦିନକୁ ଅଣାୟତ ହେବାରେ ଲାଗିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୧ ମାସ ମଧ୍ୟରେ କଳାହାଣ୍ଡି ଜିଲାର ଧର୍ମଗଡ଼ ଉପଖଣ୍ଡରେ ପ୍ରାୟ ୭ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏଥିରେ କଲମପୁର ବ୍ଲକରେ ୩ଜଣ, କୋକସରା ବ୍ଲକରେ ୨, ଅବଶିଷ୍ଟ ଅନ୍ୟ ବ୍ଲକରେ ରହିଥିବା ଜଣାପଡିଛି। ନିକଟରେ ଏମିତି ପୁଣି ଏକ ଦାଦନ ଦୁଃଖ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା


ଅସହାୟ ଜାଜ୍ଞସେନୀ ନାଏକ ।

କଲମପୁର ବ୍ଲକ ଅନ୍ତର୍ଗତ ଭେଲଗାଁର ଜାଜ୍ଞସେନୀ ନାଏକଙ୍କ ଜୀବନରେ।

ଜାଜ୍ଞସେନୀ ନାଏକଙ୍କ ମା'ବାପାଙ୍କ ମୃତ୍ୟୁ ପରେ ବଡଭାଇ ହିଁ ତାଙ୍କର ସାହାର ଥିଲେ। ଭଉଣୀର ବିବାହ କରାଇବା ଆଶାରେ ଗାଁରେ କାମଧନ୍ଦା ଅଭାବ ଯୋଗୁ ଭାଇ ଧନିରାମ ଦାଦନ ଖଟିବାକୁ ଚେନ୍ନାଇ ଗଲେ। ଧନିରାମ ସେଠାରେ ଏକ କନଷ୍ଟ୍ରକ୍ସନ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ସେଠାରେ କାମ କରୁଥିବା ସମୟରେ ତାଙ୍କର କୌଣସି କାରଣରୁ ମୃତ୍ୟୁ ଘଟିଥିଲା। ମାଲିକ ସହାୟତାରେ ତାଙ୍କ ମୃତଦେହ ଗାଁକୁ ପହଞ୍ଚିଥିଲା। ଆଉ ସାଙ୍ଗରେ ଆସିଥିଲା କେବଳ ୩୦ ହଜାର ଟଙ୍କା। ଅନେକ ଆଶା ଓ ସ୍ୱପ୍ନ ନେଇ ଦାନା ପାଇଁ ଦାଦନ ଯାଇଥିବା ଧନୀରାମ ନିଜେ ତ ଫେରି ପାରିଲେନି ମାତ୍ର ତାଙ୍କ ମୃତଦେହ ଫେରିଥିଲା। ତାଙ୍କ ମୃତ୍ୟୁରେ ଗାଁରେ ଶୋକାକୂଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏବେ ଅସହାୟ ହୋଇ ପଡିଛନ୍ତି ଜାଜ୍ଞସେନୀ। ଭାଇର ମୃତ୍ୟୁ ପରେ ଏବେ ଅସହାୟ ଜାଜ୍ଞସେନୀ ଭାଇର କଥା କହି ବାହୁନି ବାହୁନି କାନ୍ଦୁଛନ୍ତି। ଆଉ ଭଉଣୀ ଆଖିର ଲୁହ ପୋଛିବା ପାଇଁ ତା ପାଖରେ ଆଉ କେହିନାହିଁ। ପ୍ରଶାସନ ପକ୍ଷରୁ ପୀଡିତ ପରିବାରଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଆସନ୍ତା ଦିନରେ ଜାଜ୍ଞସେନୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତ।

# ଅସୁସ୍ଥ ଥାଇ ରେଳ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ପ୍ରଦୀପ୍ତ


ଭବାନୀପାଟଣା ବିଧାୟକ ପ୍ରଦୀପ୍ତ ନାଏକ।

**ଭବାନୀପାଟଣା,୧୯।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ବିଧାୟକ ତଥା ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଗତ ୨ ବର୍ଷ ହେଲା କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ ସେ ଦିଲ୍ଲୀର ଗୁରୁଗାଓଁଠାରେ ଡାକ୍ତରଙ୍କ ପରାମର୍ଶରେ ରହି ଚିକିତ୍ସା ହେଉଛନ୍ତି। ଏପରିକି ପୂର୍ବ ପେକ୍ଷା ପ୍ରଦୀପ୍ତ ଟିକିଏ ସୁସ୍ଥ ହୋଇ ବର୍ତ୍ତମାନ ବ୍ୟାୟାମ କରୁଥିବା ଭିଡିଓ ମଧ୍ୟ ଏବେ ସାମାନାକୁ ଆସିଛି। ଏହା ସତ୍ତ୍ୱ ମଧ୍ୟ ସେ ଜନତାଙ୍କ ସେବା ପାଇଁ ପ୍ରୟାସ ଜାରୀ ରଖିଛନ୍ତି। ଅସୁସ୍ଥ ଥାଇ ମଧ୍ୟ ସେ ଜନତାଙ୍କ ଚିନ୍ତା କରୁଛନ୍ତି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡିର ବିଭିନ୍ନ ରେଳ ଷ୍ଟେଶନର ଉନ୍ନତୀକରଣ ସାଙ୍ଗକୁ ରେଳ ସମ୍ପ୍ରସାରଣ ପାଇଁ ସେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ

**କଳାହାଣ୍ଡିର ବିଭିନ୍ନ ରେଳଷ୍ଟେଶନର ଉନ୍ନତୀକରଣ, ରେଳ ସମ୍ପ୍ରସାରଣ**

ପତ୍ର ଲେଖିଛନ୍ତି। ଏଥିରେ ରାୟଗଡାରୁ ବିଶାଖାପାଟଣା ଯାଉଥିବା ଟ୍ରେନକୁ ଭବାନୀପାଟଣା ଯାଏଁ ସମ୍ପ୍ରସାରଣ କରି ଏକ୍ସପ୍ରେସ ଭାବେ ଚଳାଚଳ କରିବାକୁ ସେ ଦାବି କରିଛନ୍ତି। ଏହାସହିତ ଆଉ କିଛି ଟ୍ରେନକୁ କେସିଙ୍ଗା ଯାଏଁ ସମ୍ପ୍ରସାରଣ, ରାମଚନ୍ଦ୍ରପୁର, କୁଟରୁଖମାର ଷ୍ଟେଶନଗୁଡିକର ଉନ୍ନତୀକରଣ ଆଦି ୨୨ଟି ପ୍ରସଙ୍ଗରେ ପ୍ରଦୀପ୍ତ ରେଳ ମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି। ପ୍ରଦୀପ୍ତ ଧୀରେ ଧୀରେ ସୁସ୍ଥ ହେଉଥିବା ଓ ଏପରି ଜନତାଙ୍କ କାର୍ଯ୍ୟ ପାଇଁ ଏପରି ପ୍ରୟାସ ଜାରି ରଖିଥିବାରୁ ଜିଲାର ବିଭିନ୍ନ ମହଲରୁ ଖୁସିର ଲହରୀ ଦେଖିବାକୁ ମିଳିଛି।

# ନିଖିଳ ଓଡ଼ିଶା ଏମ୍‌ଡିଏମ୍ ଓ ପାଚିକା ସହାୟିକା ସଂଘର ସମାବେଶ

**କୋକସରା,୧୯।୩(ଡି.ଏନ.ଏ.)**

କଳାହାଣ୍ଡଇ ଜିଲା କୋକସରା ଧାନ ମଣ୍ଡିରେ ଏଆଇଟିୟୁସି ସହ ଅନୁବନ୍ଧିତ ନିଖିଳ ଓଡ଼ିଶା ଏମଡିଏମ ଓ ପାଚିକା ସହାୟିକା ସଂଘ ପକ୍ଷରୁ ରବିବାର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉପସଭାପତି ଅକ୍ଷୟ କୁମାର ମେହେରଙ୍କ ନେତୃତ୍ୱରେ ବ୍ଲକର ୨୨ପଞ୍ଚାୟତର ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟରତ ଏମଡିଏମ ପାଚିକା ସହାୟିକାମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ସଂଘର ୨୧ଜଣ ନିର୍ବାଚିତ କର୍ମକର୍ତ୍ତାଙ୍କୁ ନେଇ କମିଟି ଗଠନ କରାଯାଇଛି। ଆଗାମୀ ଦିନରେ ସଂଘର ବିଭିନ୍ନ ଦାବିକୁ ନେଇ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିବା ସଂଘ ଗଠନର ମୂଳ ଆଭିମୁଖ୍ୟ ବୋଲି ଉପସ୍ଥିତ ରାଜ୍ୟ ଉପସଭାପତି ମତ ଦେଇଥିଲେ। ରାଜ୍ୟ ସରକାରଙ୍କ ନିକଟରେ ସରକାରୀ କର୍ମଚାରୀ ମାନ୍ୟତା, ଦରମା ବୃଦ୍ଧି,



ବୈଠକରେ ପାଚିକା ସହାୟିକା ସଂଘର କର୍ମକର୍ତ୍ତା ଏବଂ ଅନ୍ୟମାନେ।

୨୮ ମାସର ବକେୟା ଦରମା ପ୍ରଦାନ, ମାସିକ ଭତ୍ତା ଠିକ ସମୟରେ ପ୍ରଦାନ, ପ୍ରତିବର୍ଷ ୨ ଯୋଡ଼ା ଶାଢ଼ୀ ଦେବା ଭଳି ଦାବି ପ୍ରମୁଖ ରହିଛି। ବ୍ଲକ ଏମଡିଏମ ଓ ପାଚିକା ସହାୟିକା ସଂଘ କମିଟି ସଭାପତି ଭାବେ ହେମ ନାଏକ, ଉପସଭାନେତ୍ରୀ ସେବତି ତାଣ୍ଡି, ସମ୍ପାଦକା ସେବତି ତାଣ୍ଡି, ସହ ଦଶରଥ ଭରା ଶଗଡିଆ, ସମ୍ପାଦିକା ଜେମାମଣି ପୋଢ଼, କୋଷାଧକ୍ଷ ବୈଦେହୀ ରାଉତଙ୍କୁ ସର୍ବ ସମ୍ମତିକ୍ରମେ ମନୋନୀତ କରାଯାଇଛି। ସମ୍ମିଳନୀରେ ଜୁନାଗଡ ବ୍ଲକ ସଭାନେତ୍ରୀ କବିତା ଖର୍ସେଲ, ଭବାନୀପାଟଣା ସଭାନେତ୍ରୀ ଅବନ୍ତି ଦଣ୍ଡସେନା, ଧର୍ମଗଡ ସଭାନେତ୍ରୀ ଧନମତି ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ତୁଳାରାମ ବାଗ, ରଘୁମଣି ମାଝି, ଦଶରଥ ଭରା ଶଗଡିଆ ପ୍ରମୁଖ ସହଯୋଗ କରିଥିଲେ।

# ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ନୂଆପଡ଼ା ଅଫିସ,୧୯।୩**

ନୂଆପଡା ସଦର ବ୍ଲକ ଦର୍ଲିମୁଣ୍ଡା ଗାଁରେ ମହୁଲ ଫୁଲ ଗୋଟାଇବାକୁ ଯାଇ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଯୁବକ ହେଲେ ଦର୍ଲିମୁଣ୍ଡା ଗାଁର ମହେଶ ରାଉତ। ସେ ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ରବିବାର ଭୋର ବାପ ପୁଅଦୁଇ ଜଣ ନିଜ ଜମିକୁ ମହୁଲ ଫୁଲ ଗୋଟାଇବାକୁ ଯାଇଥିଲେ। ପରେ ବାପ ପୁଅ ଅଲଗା ହୋଇ ମହୁଲ ଫୁଲ ଗୋଟାଉଥିଲେ। ବାପା ଜଙ୍ଗଲ ନ ଥିବା ଏକ ମହୁଲ ଗଛରେ ଫୁଲ ଗୋଟାଉ ଥିବା ବେଳେ ମହେଶ ଜଙ୍ଗଲ ପାଖ ଗଛରେ ଫୁଲ ଗୋଟାଉ ଥିବା ବେଳେ ହଠାତ ୨ଟି ଭାଲୁ ଆସି ଆକ୍ରମଣ କରିଥିଲେ। ମହେଶଙ୍କ ଚିତ୍କାର ଶୁଣି ବାପା ପାଟି କରିବାରୁ ପାଖପଡୋଶୀ ଲୋକେ ଧାଇଁ ଆସି ଭାଲୁ ଘଉଡାଇବା ସହ ମହେଶଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମହେଶଙ୍କ ଶରୀର ବିଭିନ୍ନ ସ୍ଥାନରେ ଭାଲୁ କାମୁଡି ଦେଇଛି। ପ୍ରତକ୍ଷଦର୍ଶୀଙ୍କ କହିବାନୁଯାୟୀ ମାଈ ଭାଲୁ ତା ଛୁଆକୁ ସାଙ୍ଗରେ ଧରି ଖାଦ୍ୟ ଅନ୍ୱେଷଣରେ ବୁଲୁଥିବା ଲକ୍ଷ୍ୟ କରିଛନ୍ତି। ସୂଚନା ମୁତାବକ ସଦର ମହକୁମାଠାରୁ ୫ କି.ମି. ଦୂର ସାଲିହା ପାହାଡରେ ଶହ ଶହ ଭାଲୁ ବାସ କରି ରହୁଛନ୍ତି। ସେହି ପାହାଡକୁ ଜିଲା ପ୍ରଶାସନ ପକ୍ଷରୁ ଭାଲୁ କ୍ୟାଡିଡର ମଧ୍ୟ ଘୋଷଣା କରିଛନ୍ତି। ହେଲେ ରାଜସ୍ୱ ବିଭାଗରୁ ପାହାଡକୁ କ୍ରଶର ମାଲିକ ମାନଙ୍କୁ ଲିଜରେ ଦେଇଛନ୍ତି। କ୍ରଶର ମାଲିକମାନେ ପଥର ବ୍ଲାଷ୍ଟିଙ୍ଗ କରୁଥିବାରୁ ଭାଲୁ ଭୟରେ ଗାଁ ମୁହାଁ ହେଉଛନ୍ତି। ସାଧାରଣ ଲୋକଙ୍କୁ ଦେଖିଲେ ଆକ୍ରମଣ କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି।

# ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉଦ୍‌ଯାପିତ


କଳସ ଶୋଭାଯାତ୍ରା।

**ନୂଆପଡ଼ା ଅଫିସ,୧୯।୩**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ କଲୋନୀ ପଡାରେ ୩ ଦିନ ଧରି ଚାଲିଥିବା ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ନାମଯଜ୍ଞରେ ନୂଆପଡା ଜିଲା ସମେତ କଳାହାଣ୍ଡି, ବଲାଙ୍ଗୀର ଓ ବରଗଡ ଜିଲାର ୮ଟି ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ। ଗାଁର ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ବାହାରି ନଗର କରିକ୍ରମା କରି ଗ୍ରାମ ପୋଖରୀରୁ କଳସ ଆଣି ଯଜ୍ଞଦେବୀରେ ସ୍ଥାପନ ପରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ବିଶ୍ୱମ୍ଭର ରାଉତ ରାୟ ଓ ସଞ୍ଜୁ ରାଉତ ରାୟ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ଭାବେ ସରୋଜ ତ୍ରିପାଠୀ ଓ ଜପକ ଭାବେ ସୁଦାମ ଚରଣ ଦାସ ଥିଲେ। ଆୟୋଜକ କମିଟି ସଭାପତି ନୂତନ ପ୍ରଧାନ, ସମ୍ପାଦକ ସଞ୍ଜୀବ ପାଣିଗ୍ରାହୀ, ଉପସଭାପତି ବସନ୍ତ ସାହାଣୀ, କୋଷାଧ୍ୟକ୍ଷ ଭାବରେ ମନୋଜ କୁମାର ବିଶି ଓ ସତ୍ୟବ୍ରତ ସାମଲ ଦାୟିତ୍ୱ ତୁଲାଇଥିଲେ। ଚିତରଞ୍ଜନ ରାଉତ ରାୟ, ଉମାକାନ୍ତ ବନଛୋର, ସନ୍ତୋହ ଶଗରିଆ, ନୀଳାମ୍ବର ରଣା, ଅକ୍ଷୟ ରଣା, ବିକାଶ ଦେଓ, ବିରାଜ ମହାରଥା, ପଦୁ ନାଗ, ନନ୍ଦଲାଲ ମହାରଥା, ଯାଦୁ ହଂସ, ଅରକ୍ଷିତ ନାଗ ପ୍ରମୁଖ ସହଯୋଗ କରିଥିଲେ।

# ଖଡ଼ିଆଳ ରାଜ ଦଣ୍ଡସେନା ସମାଜର ବାର୍ଷିକ ବୈଠକ

**ବୋଡେନ ,୧୯।୩(ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନଠାରେ ଖଡିଆଳ ରାଜ ଦଣ୍ଡସେନା ସମାଜର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରୋହିତ କୁମାର ଦଣ୍ଡସେନାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ଭାଗୀରଥି ଦଣ୍ଡସେନା, ସମ୍ମାନିତ ଅତିଥି ଭାବେ ଫୁଲଚନ ସିହ୍ନା, ମୁଖ୍ୟବକ୍ତା ଭାବେ ଦାମୋଦର ଦଣ୍ଡସେନା ଯୋଗଦେଇଥିବା ବେଳେ ସମ୍ପାଦକ ଶ୍ୟାମ କୁମାର ଦଣ୍ଡସେନା, ଉପସଭାପତି ଫୁଲଚନ ଦଣ୍ଡସେନା, ସହ ସମ୍ପାଦକ ଗୋକୁଳ ଦଣ୍ଡସେନା, କୋଷାଧକ୍ଷ ଦ୍ୱିଜେନ୍ଦ୍ର ଦଣ୍ଡସେନା, କୋଷନିରୀକ୍ଷକ ବଳରାମ ଦଣ୍ଡସେନା ଓ ଜନ୍ମେଜୟ ଦଣ୍ଡସେନା ପ୍ରମୁଖ ମଞ୍ଚାସୀନ ଥିଲେ। ପଞ୍ଚଗ୍ରାମ ପଞ୍ଚ ଯଶୋବନ୍ତ ଦଣ୍ଡସେନା, ପୁରନ୍ଦର ଦଣ୍ଡସେନା, ଲକ୍ଷ୍ମଣ ଦଣ୍ଡସେନା, ଧନିରାମ ଦଣ୍ଡସେନା, ସୁନ୍ଦରଲାଲ ଦଣ୍ଡସେନା ପ୍ରମୁଖଙ୍କ ସହ ଖଇରା, ବୋକଡେନ, ଟିମନପୁର, ଗୋର୍ଲା ଓ ଧୁଙ୍ଗିଆମୁଣ୍ଡାରୁ ସମାଜ କର୍ମକର୍ତ୍ତା ଯୋଗଦେଇ ସମାଜର ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ବୋଡେନର ଜୋହନ, ନିରନ, ରାମ, ସୋମନାଥ, ଦେବରାଜ, ମଟ୍ଟୁ, ଗଣେଶ, ଦିଲୀପ, ତ୍ରିନାଥ, ପପୁ, ପୂର୍ଣ୍ଣଚନ୍ଦ୍ର, ରମେଶ ଓ ଜଗବନ୍ଧୁଙ୍କ ସହ ସମସ୍ତ ଦଣ୍ଡସେନା ସମାଜ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ମିଳନୀରେ ଛତିଶଗଡ ଦେଭୋଗ ସହ ନୂଆପଡା, ଚନ୍ଦାହାଣ୍ଡି ଓ ବୋଡାସମ୍ବରର ସମାଜ କର୍ମକର୍ତ୍ତା ଅତିଥି ଭାବେ ଯୋଗଦାନ କରିଥିଲେ। ସୀତାରାମ ଦଣ୍ଡସେନା ଓ ଶ୍ୟାମକୁମାର ଦଣ୍ଡସେନା ମଞ୍ଚ ପରିଚାଳନା ସହ ଧନ୍ୟବଦ ଅର୍ପଣ କରିଥିଲେ।

# ଆମ ପୋଲିସ ସମିତି ବୈଠକରେ ଟ୍ରାଫିକ ସଚେତନତା

**ଲାଞ୍ଜିଗଡ଼,୧୯।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ସିକେରକୁପା ଫାଣ୍ଡି ପରିସରରେ ନର୍ଲା ପୋଲିସ ପକ୍ଷରୁ ଆମ ପୋଲିସ ସମିତିର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ନର୍ଲା ଥାନାଧିକାରୀ ଗଙ୍ଗାଧର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଲାଞ୍ଜିଗଡ଼ରୋଡ଼ ସରପଞ୍ଚ ସୁଶ୍ରୀ ମମତା ଶବର, କଦମ୍ବଗୁଡ଼ା ସରପଞ୍ଚ ସନ୍ତୋଷ ମାଝି, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ମାଝି, ଟଙ୍କଧର ମାଝି, ସାମାଜିକ କର୍ମୀ ହରିଶଙ୍କର ପାତ୍ର, ଚନ୍ଦ୍ରଶେଖର ମହାପାତ୍ର, ପ୍ରସନ୍ନ ପରିଡ଼ା, ସୁବନ ଭୋଇ, ସରୋଜ ପଧାନ, ସେନାପତି ରଣାଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ପୋଲିସ ପକ୍ଷରୁ ଏସଆଇ ଶମ୍ଭୁ ପ୍ରସାଦ ଠାକୁର, ସିକେରକୁପା ଫାଣ୍ଡି ଅଧିକାରୀ ସୁବାସ ଚନ୍ଦ୍ର ଗୁରୁ, ଏଏସଆଇ ଗଜାନନ ପଟ୍ଟନାୟକ, ଏଏସଆଇ ମୀନାରାଓ ଶବର ପ୍ରମୁଖ ମଞ୍ଚାସୀନ ଥିଲେ। ନର୍ଲା ଥାନା ପକ୍ଷରୁ କେତନ କରୁଆଁ, ଶ୍ୱେତକଲାଲ ଗୌଡ଼ିଆ, ଦ୍ରୋଣ ରଣା, ଉମ୍ବରୁଧର ମାଝି, ପଙ୍କଜିନୀ ମାଝି, ଦୈମତୀ ମାଝୀ ସିକେରକୁପା ଫାଣ୍ଡି ପକ୍ଷରୁ ଗୋକୁଳ ସାହୁ, ବିଶ୍ୱନାଥ ମହଲା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ପୋଲିସ ଓ ଅତିଥିମାନଙ୍କ ଦ୍ୱାରା ସିକେରକୁପା ଛକରେ ଟ୍ରାଫିକ ସଚେତନତା କରାଯାଇଥିଲା। ଏହି ଅବସରରେ ସିଟବେଲ୍ଟ, ହେଲମେଟ ଆଦି ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।


ଜଣେ ବାଇକ୍ ଆରୋହୀଙ୍କୁ ହେଲେମେଣ୍ଟ ପିନ୍ଧାଇ ସଚେତନତା କରାଯାଉଛି ।

# ଶ୍ରମିକ ବଦଳରେ ମେଶିନ କରୁଛି କାମ

**କୋକସରା ବ୍ଲକର କାଉଡୋଲା ପଞ୍ଚାୟତ**

- ୨୦୨୩ରେ ବର୍ତ୍ତମାନ ସୁଦ୍ଧା ୩ ଶ୍ରମିକଙ୍କ ମୃତ୍ୟୁ
- ୨୦୨୨ରେ ୧୧ ଶ୍ରମିକଙ୍କ ମୃତ୍ୟୁ
- ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଫେଲ୍

**କୋକସରା,୧୯।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲ ପଞ୍ଚାୟତ କୁମୁଡାମୁଣ୍ଡା ଗାଁରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଫେଲ୍ ମାରିଛି। ଏଠାରେ ଶ୍ରମିକ ବଦଳରେ ମେଶିନ କରୁଛି କାମ। ଉକ୍ତ ଯୋଜନାରେ ଏକ ଚେକଡ୍ୟାମ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ପ୍ରଶାସନଙ୍କ ନିୟୋଜିତ କର୍ମଚାରୀମାନେ ଶ୍ରମିକ ବଦଳରେ ଜେସିବି ମେଶିନରେ କାର୍ଯ୍ୟ ଆରମ୍ଭ କରିଛନ୍ତି। କାଉଡୋଲା ପଞ୍ଚାୟତ


ଜେସିବି ମେଶିନରେ କାମ କରଯାଉଛି।


କାର୍ଯ୍ୟର ସୂଚନା ଫଳକ।

କୁମୁ ଗ୍ରାମରେ ଚେକଡ୍ୟାମରେ ଉକ୍ତ ଯୋଜନାରେ ଶ୍ରମିକଙ୍କ ହକକୁ ଛଡାଇ ଜେସିବି ମେଶିନ ଲଗାଇ କାର୍ଯ୍ୟ ଆରମ୍ଭ ହୋଇଛି। ବିଡମ୍ବନାର କଥା କୋକସରା ବ୍ଲକରେ ୨୦୨୨ରେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇ ପ୍ରାୟ ୧୧ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। କିଛି ଦାଦନ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରିଥିବା ବେଳେ ଆଉ କିଛି ଭିଟାମାଟିକୁ ଫେରି ପାରି ନ ଥିଲା। ୨୦୨୩ରେ କୋକସରା ବ୍ଲକରେ ବର୍ତ୍ତମାନ ସୁଦ୍ଧା ୩ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇ ସାରିଛି। ଅନ୍ୟପକ୍ଷରେ ବ୍ଲକ ପ୍ରଶାସନ ଉକ୍ତ ଯୋଜନାରେ ୧୦୦ ଦିନର କାର୍ଯ୍ୟ ଦିବସ ଯୋଗାଇଥିବା ଶ୍ରମିକଙ୍କ ଜବକାର୍ଡରେ ଦର୍ଶାଇ କାଉଡୋଲା ପଞ୍ଚାୟତରେ ଉକ୍ତ ଯୋଜନା ସଫଳ ରୂପାୟନ ହୋଇଥିବା ନେଇ ବାହାବା ନେଇଥିଲେ। ତେବେ ଉକ୍ତ ଯୋଜନା କାହାପାଇଁ ବୋଲି ଏଠାରେ ପ୍ରଶ୍ନ ଉଠୁଛି । କନିଷ୍ଠ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ପଞ୍ଚାୟତ ସରପଞ୍ଚ, ପିଇଓ, ଜିଆରଏସ କର୍ମଚାରୀ ସମସ୍ତଙ୍କ ମିଳିଭଗତରେ ଉକ୍ତ ଯୋଜନା କାର୍ଯ୍ୟକାରୀ ହେଉଥିବା ଅଭିଯୋଗ ହେଉଥିବା ବେଳେ ଉକ୍ତ ଯୋଜନା ଶ୍ରମିକଙ୍କ ନାଁରେ ପ୍ରହସନ ପାଲଟିଛି। ବ୍ଲକରେ ଆଗରୁ ମଧ୍ୟ ଅନେକ ଏହି ଯୋଜନାରେ ମେଶିନରେ କାମ କରୁଥିବା ନେଇ ଅଭିଯୋଗ ହୋଇଛି। ହେଲେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଇନାହିଁ। କାର୍ଯ୍ୟ ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣାଙ୍କ ପ୍ରତିକ୍ରିୟା ନେବାରୁ ମେଶିନରେ କାମ କରୁଥିବା ଆମ ନିକଟରେ ଖବରନାହିଁ, ଯଦି ଏମିତି କିଛି ହୋଇଛି ତାହେଲେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଶିଶୁକୁ ଛାଡ଼ି ମା'ବାପା ଫେରାର

**ଖଡ଼ିଆଳ,୧୯।୩(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ସାନମହେଶ୍ୱର ପଞ୍ଚାୟତର ଝୋଲପଥର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଅଢେଇ ମାସର ଶିଶୁକୁ ଛାଡି ମା' ବାପା ଫେରାର ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ନିରୀହ ଶିଶୁକୁ ଉଦ୍ଧାର କରିବା ପାଇଁ ଖଡ଼ିଆଳ ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି ପ୍ରଶାସନକୁ ଅନୁରୋଧ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତ ଦୁଇ ମାସ ପୂର୍ବରୁ ଶିଶୁର ବାପା କେଉଁ ଆଡେ ଚାଲିଯାଇଥିବା ବେଳେ ଗତ ଦୁଇଦିନ ପୂର୍ବେ ମା' କେଉଁ ଆଡେ ଚାଲି ଯାଇଛନ୍ତି। ଘରେ କେବଳ ବୃଦ୍ଧା ବିଧବା ଆଇ ଓ ଦିବ୍ୟାଙ୍ଗ ଝିଅ ଅଛନ୍ତି। ଗରିବ ପରିବାର ହୋଇଥିବା ବେଳେ ସେମାନଙ୍କ ପାଖରେ ଶିଶୁକୁ ଯତ୍ନ ନେବାକୁ ସକ୍ଷମ ହେଉ ନ ଥିବା ବୃଦ୍ଧା ଆଇ ପ୍ରକାଶ କରିଛନ୍ତେ। ଖବର ପାଇ ଉପାଧକ୍ଷ ତାଣ୍ଡି ସମ୍ପୃକ୍ତ ପରିବାରକୁ ଯାଇ ଆଶ୍ୱାସନା ଦେବା ସହିତ ସରକାର ଯଦି ଶିଶୁକୁ ଉଦ୍ଧାର ନ କରେ ତାହେଲେ ସେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଶିଶୁର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପରିବାର ଓ ଗ୍ରାମବାସୀ ସମ୍ମୁଖରେ ପ୍ରତିଶ୍ରୁତି ଦେଇଥିଲେ। ଜିଲା ପ୍ରଶାସନ ତୁରନ୍ତ ନିରୀହ ଶିଶୁକୁ ଉଦ୍ଧାର କରି ତାର ଲାଳନ ପାଳନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ୧୪୩ଜଣଙ୍କୁ ଭତ୍ତା ପ୍ରଦାନ

**ଖଡ଼ିଆଳ,୧୯।୩(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ବ୍ଲକର ୨୬ଟି ଗ୍ରାମପଞ୍ଚାୟତର ରବିବାର ନୂତନ ଭାବେ ଭତ୍ତା ପ୍ରଦାନ କରାଯାଇଛି। ବ୍ଲକ ସଭାଗୃହରେ ଅନୁଷ୍ଠିତ ସଭାରେ ଖଡ଼ିଆଳ ବିଡିଓ ବୀରସେନ ବେହେରା, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଯୋଗଦେଇ ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ କରିଥିଲେ। ମୋଟ ୧୪୩ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ସେମାନଙ୍କୁ ମଧ୍ୟରୁ ୧୫ଜଣ ବିଧବା ଭତ୍ତା ପାଇଥିବା ବେଳେ ଦିବ୍ୟାଙ୍ଗ ଭତ୍ତା ଚାରିଜଣ ଓ ବାର୍ଦ୍ଧକ୍ୟ ଭତ୍ତା ୧୨୪ଜଣ ପାଇଥିଲେ। ବ୍ଲକର କୌଣସି ଯୋଗ୍ୟ ହିତାଧିକାରୀ ସାମାଜିକ କଲ୍ୟାଣ ଯୋଜନାରୁ ବଞ୍ଚିତ ହେବେନାହିଁ ବୋଲି ବିଡ଼ିଓ ପ୍ରକାଶ କରିଥିଲେ।

### ବୌଦ୍ଧ ଜିଲା ଅମିନ ସଂଘର କର୍ମକର୍ତ୍ତା ଚୟନ

**ବୌଦ୍ଧ,୧୯।୩(ସ୍ୱ.ପ୍ର.):** ବୌଦ୍ଧ ଜିଲା ଅମିନ ସଂଘର ସାଧାରଣ ବୈଠକ ପୂର୍ବତନ ସଭାପତି ଅନିଲ ପ୍ରଧାନଙ୍କ ଅଧକ୍ଷତାରେ କର୍ମଚାରୀ ଭବନ ପରିସରରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ନିଯୁକ୍ତି ପାଇଥିବା କର୍ମଚାରୀମାନଙ୍କୁ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହାପରେ ଜିଲା ଅମିନ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବରେ ମିଲନ ମେହେର, ଉପସଭାପତି ବିନୋଦିନୀ ସାହୁ,ସଂପାଦକ ଆଲୋକ ରଞ୍ଜନ ମେଣ୍ଡୁଲି, କୋଷାଧକ୍ଷ ବୈଶାଖୁ ସାହୁ, ଯୁଗ୍ମ ସଂପାଦକ ଭୀଷ୍ମ ନାଗ, ଉପଦେଷ୍ଟା ଭାବରେ ଅନିଲ ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ଦିଲିପ ପୂଜାହାରୀ, ପ୍ରଭାତ ବେହେରା,ହରିପ୍ରିୟା ପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କଳାହାଣ୍ଡିରେ ସରୁନି ଦାଦନ ଦୁଃଖ

- ଆତ୍ମୀୟଙ୍କୁ ହରାଇ କାନ୍ଦୁଛନ୍ତି ଜାଜ୍ଞସେନୀ
- ମା'ବାପାଙ୍କ ପରେ ବଡଭାଇଙ୍କ ମୃତ୍ୟୁ
- ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି

**ଭବାନୀପାଟଣା,୧୯।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାରେ ଦିନକୁ ଦିନ ଦାଦନ ସମସ୍ୟା ଉଗ୍ର ରୂପ ଧାରଣ କରିଛି। ମାଳମାଳ ସରକାରୀ ଯୋଜନା ସତ୍ତ୍ୱେ ଏଠି ସରୁନି ଦାଦନ ଦୁଃଖ। ପେଟପାଟଣା ଆଶାରେ ଗରିବ ଲୋକେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ସେଠାରେ ନିର୍ଯାତନା ସହି ନ ପାରି ଅନେକଙ୍କ ମୃତ୍ୟୁ ହେଉଥିବାବେଳେ ଏବେ ବି ଅନେକ ନିଖୋଜ ଅଛନ୍ତି। ଏମିତି ଘଟଣା ପ୍ରତ୍ୟେକ ଦିନ ଗଣମାଧ୍ୟମର ଶିରୋନାମା ପାଲଟୁଛି। ଏଥିପ୍ରତି ଜିଲା ଶ୍ରମ ବିଭାଗ ତଥା ଜିଲା ପ୍ରଶାସନ ପକ୍ଷରୁ ବିଶେଷ ଦୃଷ୍ଟି ଦିଆଯାଉ ନ ଥିବାରୁ ଏହା ଦିନକୁ ଅଣାୟତ ହେବାରେ ଲାଗିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୧ ମାସ ମଧ୍ୟରେ କଳାହାଣ୍ଡି ଜିଲାର ଧର୍ମଗଡ଼ ଉପଖଣ୍ଡରେ ପ୍ରାୟ ୭ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏଥିରେ କଳମପୁର ବ୍ଲକରେ ୩ଜଣ, କୋକସରା ବ୍ଲକରେ ୨, ଅବଶିଷ୍ଟ ଅନ୍ୟ ବ୍ଲକରେ ରହିଥିବା ଜଣାପଡିଛି। ନିକଟରେ ଏମିତି ପୁଣି ଏକ ଦାଦନ ଦୁଃଖ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା


ଅସହାୟ ଜାଜ୍ଞସେନୀ ନାଏକ।

କଳମପୁର ବ୍ଲକ ଅନ୍ତର୍ଗତ ଭେଲଗାଁର ଜାଜ୍ଞସେନୀ ନାଏକଙ୍କ ଜୀବନରେ।

ଜାଜ୍ଞସେନୀ ନାଏକଙ୍କ ମା'ବାପାଙ୍କ ମୃତ୍ୟୁ ପରେ ବଡଭାଇ ହିଁ ତାଙ୍କର ସାହାର ଥିଲେ। ଭଉଣୀର ବିବାହ କରାଇବା ଆଶାରେ ଗାଁରେ କାମଧନ୍ଦା ଅଭାବ ଯୋଗୁ ଭାଇ ଧନିରାମ ଦାଦନ ଖଟିବାକୁ ଚେନ୍ନାଇ ଗଲେ। ଧନିରାମ ସେଠାରେ ଏକ କନଷ୍ଟ୍ରକ୍ସନ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ସେଠାରେ କାମ କରୁଥିବା ସମୟରେ ତାଙ୍କର କୌଣସି କାରଣରୁ ମୃତ୍ୟୁ ଘଟିଥିଲା। ମାଲିକ ସହାୟତାରେ ତାଙ୍କ ମୃତଦେହ ଗାଁକୁ ପହଞ୍ଚିଥିଲା। ଆଉ ସାଙ୍ଗରେ ଆସିଥିଲା କେବଳ ୩୦ ହଜାର ଟଙ୍କା। ଅନେକ ଆଶା ଓ ସ୍ୱପ୍ନ ନେଇ ଦାନା ପାଇଁ ଦାଦନ ଯାଇଥିବା ଧନୀରାମ ନିଜେ ତ ଫେରି ପାରିଲେନି ମାତ୍ର ତାଙ୍କ ମୃତଦେହ ଫେରିଥିଲା। ତାଙ୍କ ମୃତ୍ୟୁରେ ଗାଁରେ ଶୋକାକୂଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏବେ ଅସହାୟ ହୋଇ ପଡିଛନ୍ତି ଜାଜ୍ଞସେନୀ। ଭାଇର ମୃତ୍ୟୁ ପରେ ଏବେ ଅସହାୟ ଜାଜ୍ଞସେନୀ ଭାଇର କଥା କହି ବାହୁନି ବାହୁନି କାନ୍ଦୁଛନ୍ତି। ଆଉ ଭଉଣୀ ଆଖିର ଲୁହ ପୋଛିବା ପାଇଁ ତା ପାଖରେ ଆଉ କେହିନାହିଁ। ପ୍ରଶାସନ ପକ୍ଷରୁ ପୀଡିତ ପରିବାରଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଆସନ୍ତା ଦିନରେ ଜାଜ୍ଞସେନୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତ।

# ଅସୁସ୍ଥ ଥାଇ ରେଳ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ପ୍ରଦୀପ୍ତ


ଭବାନୀପାଟଣା ବିଧାୟକ ପ୍ରଦୀପ୍ତ ନାଏକ।

**ଭବାନୀପାଟଣା,୧୯।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ବିଧାୟକ ତଥା ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଗତ ୨ ବର୍ଷ ହେଲା କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ ସେ ଦିଲ୍ଲୀର ଗୁରୁଗାଓଁଠାରେ ଡାକ୍ତରଙ୍କ ପରାମର୍ଶରେ ରହି ଚିକିତ୍ସା ହେଉଛନ୍ତି। ଏପରିକି ପୂର୍ବ ପେକ୍ଷା ପ୍ରଦୀପ୍ତ କିଛିଏ ସୁସ୍ଥ ହୋଇ ବର୍ତ୍ତମାନ ବ୍ୟାୟାମ କରୁଥିବା ଭିଡିଓ ମଧ୍ୟ ଏବେ ସାମାନାକୁ ଆସିଛି। ଏହା ସତ୍ତ୍ୱ ମଧ୍ୟ ସେ ଜନତାଙ୍କ ସେବା ପାଇଁ ପ୍ରୟାସ ଜାରୀ ରଖିଛନ୍ତି। ଅସୁସ୍ଥ ଥାଇ ମଧ୍ୟ ସେ ଜନତାଙ୍କ ଚିନ୍ତା କରୁଛନ୍ତି। ଏହିପରିପ୍ରେକ୍ଷୀରେ କଳାହାଣ୍ଡିର ବିଭିନ୍ନ ରେଳ ଷ୍ଟେଶନର

**କଳାହାଣ୍ଡିର ବିଭିନ୍ନ ରେଳଷ୍ଟେଶନର ଉନ୍ନତୀକରଣ, ରେଳ ସମ୍ପ୍ରସାରଣ**

ଉନ୍ନତୀକରଣ ସାଙ୍ଗକୁ ରେଳ ସମ୍ପ୍ରସାରଣ ପାଇଁ ସେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପତ୍ର ଲେଖିଛନ୍ତି। ଏଥିରେ ରାୟଗଡାରୁ ବିଶାଖାପାଟଣା ଯାଉଥିବା ଟ୍ରେନକୁ ଭବାନୀପାଟଣା ଯାଏଁ ସମ୍ପ୍ରସାରଣ କରି ଏକ୍ସପ୍ରେସ ଭାବେ ଚଳାଚଳ କରିବାକୁ ସେ ଦାବିକରିଛନ୍ତି। ଏହାସହିତ ଆଉ କିଛି ଟ୍ରେନକୁ କେସିଙ୍ଗା ଯାଏଁ ସମ୍ପ୍ରସାରଣ, ରାମଚନ୍ଦ୍ରପୁର, କୁଟରୁଖମାର ଷ୍ଟେଶନଗୁଡିକର ଉନ୍ନତୀକରଣ ଆଦି ୨୨ଟି ପ୍ରସଙ୍ଗରେ ପ୍ରଦୀପ୍ତ ରେଳ ମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି।

# ଯୋଜନାରୁ ବଞ୍ଚିତ ଭିନ୍ନକ୍ଷମ ଭଉଣୀଭାଇ

**ଅମରପାଲି,୧୮।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତର ସଦର ଗ୍ରାମର ବିଦେଶୀ ସାହୁ(୪୦) ଓ ତାଙ୍କ ଭଉଣୀ ପ୍ରମୋଦିନୀ ସାହୁ(୩୫)। ଉଭୟେ ଏବେ ଦୁର୍ବିସହ ଜୀବନ ବିତାଉଛନ୍ତି। ବିଦେଶୀ ଶାରୀରିଭାବେ ଦୁର୍ବଳ ହୋଇଥିବା ବେଳେ ପ୍ରମୋଦିନୀ ମାନସିକ ଅନଗ୍ରସର। ପିଲାଦିନୁ ଉଭୟେ ବାପାଙ୍କୁ ହରାଇଥିଲେ। ବିଧବା ମା' ଭତ୍ତା ବାବଦ ରାଶନ ସାମଗ୍ରୀ ସହିତ ପର ଘରେ କାମ କରି ଉଭୟଙ୍କୁ ପାଳୁଥିଲେ। ମାତ୍ର କରୋନାରେ ଆକ୍ରାନ୍ତ ହୋଇ ତାଙ୍କର ମୃତ୍ୟୁ ଘଟିଲା। ଫଳରେ ସେମାନେ ପାଉଥିବା ସମସ୍ତ ସରକାରୀ ଯୋଜନା ବନ୍ଦ ହୋଇଗଲା।

ସରକାର କରୋନାରେ ମୃତବ୍ୟକ୍ତିଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରୁଥିଲେ ମଧ ତାଙ୍କ ପରିବାରକୁ କୌଣସି ସହାୟତା ମିଳିନାହିଁ। ଭଉଣୀ ଭାଇଙ୍କ ଆଧାର କାର୍ଡ କି ଭିନ୍ନକ୍ଷମ କାର୍ଡ ନାହିଁ। ଫଳରେ ସେମାନେ କୌଣସି ସରକାରୀ ସହାୟତା ପାଇ ପାରୁ ନାହାନ୍ତି। ଉଭୟେ ଏବେ ଭଙ୍ଗା ଘରେ ରହୁଛନ୍ତି। ବିଦେଶୀ ଏକ ହୋଟେଲରେ ବାସନ ଧୋଇ ଯାହା ପାଆନ୍ତି


ଦୁର୍ବିସହ ଜୀବନ ଜୀଉଁଥିବା ବିଦେଶୀ ସାହୁ ଓ ତାଙ୍କ ଭଉଣୀ ପ୍ରମୋଦିନୀ।

ସେଥିରୁ ଭଉଣୀଭାଇ ଭୋକ ମେଣ୍ଟାଉଛନ୍ତି। ଏନେଇ ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀଙ୍କୁ ପଚାରିବାରୁ ଉଭୟଙ୍କ ବିଷୟରେ ସୂଚନା ପାଇଥିବା କହିଛନ୍ତି। ଯଥାଶୀଘ୍ର ସରକାରୀ ବିଧିବ୍ୟବସ୍ଥାମତେ ଯେତିକି ସହାୟତା ହୋଇପାରିବ ସହଯୋଗ କରାଯିବ ବୋଲି କହିଥିଲେ। ଏଥିସହିତ କିଭଳି ଆଧାର କାର୍ଡ, ଭିନ୍ନକ୍ଷମ କାର୍ଡ ଓ ରାଶନ କାର୍ଡ କରାଯାଇ ପାରିବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଏନେଇ ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରଚରଣ ସାହୁଙ୍କୁ ପଚାରିବାରୁ ଆଧାର କାର୍ଡ ହେଲେ ଅନଲାଇନରେ ରାଶନ କାର୍ଡ ଆବେଦନ କରି ପିଡିଏସ୍ ଓ ଆଗ୍ରାଧିକାର ଭିତ୍ତିରେ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି।

# ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ନୂଆପଡ଼ା ଅଫିସ,୧୯।୩**

ନୂଆପଡା ସଦର ବ୍ଲକ ଦର୍ଲିମୁଣ୍ଡା ଗାଁରେ ମହୁଲ ଫୁଲ ଗୋଟାଇବାକୁ ଯାଇ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଯୁବକ ହେଲେ ଦର୍ଲିମୁଣ୍ଡା ଗାଁର ମହେଶ ରାଉତ। ସେ ଜିଲା ଚିକିତ୍ସାଳୟରେ ଚିକତ୍ସିତ ହେଉଛନ୍ତି। ରବିବାର ଭୋର ବାପ ପୁଅଦୁଇ ଜଣ ନିଜ ଜମିକୁ ମହୁଲ ଫୁଲ ଗୋଟାଇବାକୁ ଯାଇଥିଲେ। ପରେ ବାପ ପୁଅ ଅଲଗା ହୋଇ ମହୁଲ ଫୁଲ ଗୋଟାଉଥିଲେ। ବାପା ଜଙ୍ଗଲ ନ ଥିବା ଏକ ମହୁଲ ଗଛରେ ଫୁଲ ଗୋଟାଉ ଥିବା ବେଳେ ମହେଶ ଜଙ୍ଗଲ ପାଖ ଗଛରେ ଫୁଲ ଗୋଟାଉ ଥିବା ବେଳେ ହଠାତ ୨ଟି ଭାଲୁ ଆସି ଆକ୍ରମଣ କରିଥିଲେ। ମହେଶଙ୍କ ଚିତ୍କାର ଶୁଣି ବାପା ପାଟି କରିବାରୁ ପାଖପଡୋଶୀ ଲୋକେ ଧାଇଁ ଆସି ଭାଲୁ ଘଉଡାଇବା ସହ ମହେଶଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମହେଶଙ୍କ ଶରୀର ବିଭିନ୍ନ ସ୍ଥାନରେ ଭାଲୁ କାମୁଡି ଦେଇଛି। ପ୍ରତକ୍ଷଦର୍ଶୀଙ୍କ କହିବାନୁଯାୟୀ ମାଈ ଭାଲୁ ତା ଛୁଆକୁ ସାଙ୍ଗରେ ଧରି ଖାଦ୍ୟ ଅନ୍ୱେଷଣରେ ବୁଲୁଥିବା ଲକ୍ଷ୍ୟ କରିଛନ୍ତି। ସୂଚନା ମୁତାବକ ସଦର ମହକୁମାଠାରୁ ୫ କି.ମି. ଦୂର ସାଲିହା ପାହାଡରେ ଶହ ଶହ ଭାଲୁ ବାସ କରି ରହୁଛନ୍ତି। ସେହି ପାହାଡକୁ ଜିଲା ପ୍ରଶାସନ ପକ୍ଷରୁ ଭାଲୁ କ୍ୟାଡିଡର ମଧ୍ୟ ଘୋଷଣା କରିଛନ୍ତି। ହେଲେ ରାଜସ୍ୱ ବିଭାଗରୁ ପାହାଡକୁ କ୍ରଶର ମାଲିକ ମାନଙ୍କୁ ଲିଜରେ ଦେଇଛନ୍ତି। କ୍ରଶର ମାଲିକମାନେ ପଥର ବ୍ଲାଷ୍ଟିଙ୍ଗ କରୁଥିବାରୁ ଭାଲୁ ଭୟରେ ଗାଁ ମୁହାଁ ହେଉଛନ୍ତି। ସାଧାରଣ ଲୋକଙ୍କୁ ଦେଖିଲେ ଆକ୍ରମଣ କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି।

# ପିଇଓ, ଜିଆର୍‌ଏସ୍‌ଙ୍କ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠିଲା

**ସରପଞ୍ଚ ସଂଘର ସାଧାରଣ ବୈଠକ**

**ଅମରପାଲି,୧୯।୩(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସରପଞ୍ଚ ସଂଘର ସାଧାରଣ ବୈଠକ ସ୍ଥାନୀୟ ଜଳସେଚନ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାନେତ୍ରୀ ଶ୍ରୀୟା କର୍ମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବ୍ଲକ ସରପଞ୍ଚ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଯୋଗଦେଇଥିଲେ। ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହୁରୀ, ସଂଗ୍ରାମପୁର ସରପଞ୍ଚ ଅଲକା କର୍ମୀ ଓ କମିରା ସରପଞ୍ଚ ଅନୁସୟା ପଧାନ ଗ୍ରାମ ପଞ୍ଚାୟତରେ ଅବସ୍ଥାପିତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ଏବଂ ଗ୍ରାମ ରୋଜଗାର ସେବକ(ଜିଆରଏସ)ଙ୍କ କାର୍ଯ୍ୟଶୈଳୀ ଉନ୍ନୟନରେ ବାଧକ ହେଉଥିବା ମତ ରଖିଥିଲେ। ପିତାମହୁଲ ସରପଞ୍ଚ ଆକସ୍ମିତା ବଡିଆ ତାଙ୍କ ପଞ୍ଚାୟତର ଜିଆରଏସଙ୍କ ଅନୁପସ୍ଥିତ ଓ ପଞ୍ଚାୟତ ମାସିକ ବୈଠକରେ ତଦ୍‌ ସମ୍ପର୍କିତ ପ୍ରସ୍ତାବ ଗୃହୀତ କରିଥିବା ସମ୍ପର୍କରେ କହିଥିଲେ। ସରପଞ୍ଚ ସଂଘ ସମ୍ପାଦକ ତଥା ଲୁଡୁରପଙ୍କ ସରପଞ୍ଚ ସୂର୍ଯ୍ୟ କୁମାର ନନ୍ଦ, ସୁବଳୟା ସରପଞ୍ଚ ପ୍ରମୋଦ ମହାପାତ୍ର ଓ ମୁର୍ଛୁଣ୍ଡି ସରପଞ୍ଚ ମନୋଜ କୁମାର ସାହୁ ପଞ୍ଚାୟତ ସମିତି ସିଏଫସି, ଏସଏଫସି, କେନ୍ଦ୍ରୀୟ ଅର୍ଥ ଆୟୋଗ, ରାଜ୍ୟ ଅର୍ଥ ଆୟୋଗ, ସ୍ୱଚ୍ଛ ଭାରତ ମିଶନ(ପରିମଳ), ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ତଥା ଅନ୍ୟାନ୍ୟ ଅନୁଦାନ ପ୍ରଦାନରେ ବ୍ଲକ ପ୍ରଶାସନ ପାତରଅନ୍ତର ନୀତି ତଥା ଅନୈତିକ ପ୍ରକ୍ରୀୟାରେ ରୂପାୟନ କରୁଥିବା ଅଭିଯୋଗ କରିଥିଲେ। ଆଗାମୀ ଦିନରେ ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ ସାମୂହିକ ଦୃଷ୍ଟି ଆକର୍ଷଣ କରିବାକୁ ମତ ପ୍ରଦାନ କରିଥିଲେ। କେନଝିରିଆପାଲି ସରପଞ୍ଚ ସସ୍ମିତା ଦୀପ ଓ ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହୁରୀ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ତ୍ରୁଟି ସମ୍ବନ୍ଧରେ ଆଲୋଚନା କରିଥିଲେ। ବ୍ଲକ ପ୍ରଶାସନ ଗ୍ରାମ ପଞ୍ଚାୟତଦ୍ୱାରୀ ପିଡିଏସ ସାମଗ୍ରୀ ଉଠାଣ ସମ୍ପର୍କରେ ଜଣାଉ ନ ଥିବା ସମ୍ପର୍କରେ ମତ ରଖିଥିଲେ। ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ହିଲୁଙ୍ଗ ସରପଞ୍ଚ ବନିତା ସେଠୀ, ବାଗବର ସରପଞ୍ଚ ନିରୂପମା ବର୍ଗତି, ଜଟେସିଙ୍ଗା ସରପଞ୍ଚ ସୁନିତା ପଧାନ, ବହଳପଦର ସରପଞ୍ଚ ନିରୂପମା ସେଠୀ ଆଲୋଚନାରେ ଅଂଶ ଗ୍ରହଣ କରି ଗ୍ରାମପଞ୍ଚାୟତରେ କାର୍ଯ୍ୟରତ କର୍ମଚାରୀଙ୍କ ସରକାରୀ ଜବଚାର୍ଟ ମତେ କାମ କରିବା ଓ ଗ୍ରାମ ପଞ୍ଚାୟତର ବିକାସରେ ସହଯୋଗ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଜଙ୍ଗଲ ବିଭାଗ ୫କିମି ଦୂରତାରେ ଥିବା ଗ୍ରାମପଞ୍ଚାୟତ କାର୍ଯ୍ୟପତ୍ରଧାରୀଙ୍କୁ କାମ ଦେଇ ସଠିକ ପ୍ରାପ୍ୟ ପ୍ରଦାନ କରୁ ନ ଥିବା ସମ୍ପର୍କରେ ଆଲୋଚନା ହୋଇଥିଲା।

# ଖଡ଼ିଆଳ ରାଜ ଦଣ୍ଡସେନା ସମାଜର ବାର୍ଷିକ ବୈଠକ

**ବୋଡେନ ,୧୯।୩(ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନଠାରେ ଖଡିଆଳ ରାଜ ଦଣ୍ଡସେନା ସମାଜର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରୋହିତ କୁମାର ଦଣ୍ଡସେନାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ଭାଗୀରଥି ଦଣ୍ଡସେନା, ସମ୍ମାନିତ ଅତିଥି ଭାବେ ଫୁଲଚନ ସିହ୍ନା, ମୁଖ୍ୟବକ୍ତା ଭାବେ ଦାମୋଦର ଦଣ୍ଡସେନା ଯୋଗଦେଇଥିବା ବେଳେ ସମ୍ପାଦକ ଶ୍ୟାମ କୁମାର ଦଣ୍ଡସେନା, ଉପସଭାପତି ଫୁଲଚନ ଦଣ୍ଡସେନା, ସହ ସମ୍ପାଦକ ଗୋକୁଳ ଦଣ୍ଡସେନା, କୋଷାଧକ୍ଷ ଦ୍ୱିଜେନ୍ଦ୍ର ଦଣ୍ଡସେନା, କୋଷନିରୀକ୍ଷକ ବଳରାମ ଦଣ୍ଡସେନା ଓ ଜନ୍ମେଜୟ ଦଣ୍ଡସେନା ପ୍ରମୁଖ ମଞ୍ଚାସୀନ ଥିଲେ। ପଞ୍ଚଗ୍ରାମ ପଞ୍ଚ ଯଶୋବନ୍ତ ଦଣ୍ଡସେନା, ପୁରନ୍ଦର ଦଣ୍ଡସେନା, ଲକ୍ଷ୍ମଣ ଦଣ୍ଡସେନା, ଧନିରାମ ଦଣ୍ଡସେନା, ସୁନ୍ଦରଲାଲ ଦଣ୍ଡସେନା ପ୍ରମୁଖଙ୍କ ସହ ଖଇରା, ବୋକଡେନ, ଟିମନପୁର, ଗୋର୍ଲା ଓ ଧୁଙ୍ଗିଆମୁଣ୍ଡାରୁ ସମାଜ କର୍ମକର୍ତ୍ତା ଯୋଗଦେଇ ସମାଜର ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ବୋଡେନର ଜୋହନ, ନିରନ, ରାମ, ସୋମନାଥ, ଦେବରାଜ, ମଟ୍ଟୁ, ଗଣେଶ, ଦିଲୀପ, ତ୍ରିନାଥ, ପପୁ, ପୂର୍ଣ୍ଣଚନ୍ଦ୍ର, ରମେଶ ଓ ଜଗବନ୍ଧୁଙ୍କ ସହ ସମସ୍ତ ଦଣ୍ଡସେନା ସମାଜ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ମିଳନୀରେ ଛତିଶଗଡ ଦେଭୋଗ ସହ ନୂଆପଡା, ଚନ୍ଦାହାଣ୍ଡି ଓ ବୋଡାସମ୍ବରର ସମାଜ କର୍ମକର୍ତ୍ତା ଅତିଥି ଭାବେ ଯୋଗଦାନ କରିଥିଲେ।

# ପାଣ-ଗଣ୍ଡା ସମାଜ ବିକାଶ ପରିଷଦ ପୁନର୍ଗଠିତ

**ବାଉଁଶୁଣୀ,୧୯।୩(ଡି.ଏନ.ଏ.)**

ବୌଦ୍ଧ ଜିଲା ପାଣ-ଗଣ୍ଡା ସମାଜ ବିକାଶ ପରିଷଦର ପ୍ରତିଷ୍ଠାତା ତଥା ସାଧାରଣ ସମ୍ପାଦକ ସୁଧାଂଶୁ ଡାଙ୍ଗଙ୍କ ଆହ୍ୱାନକ୍ରମେ ଜିଲା ଉପ ସଭାପତି ମକରଧ୍ୱଜ ମହାନନ୍ଦିଆଙ୍କ ଅଧକ୍ଷତାରେ ବହିରା ବନ୍ୟା ଆଶ୍ରୟସ୍ଥଳୀରେ ସଂଗଠନର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାବାସାହେବ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଆଗାମୀ ଦିନର କାର୍ଯ୍ୟ ଖସଡ଼ା ଉପସ୍ଥାପନ କରିଥିଲେ। ବୈଠକରେ ସର୍ବପ୍ରଥମେ କାର୍ଯ୍ୟନିର୍ବାହୀ ପରିଷଦ, ଦ୍ୱିତୀୟରେ ସାଧାରଣ ପରିଷଦ ଏବଂ ୭୦ଟି ପଞ୍ଚାୟତ କମିଟିକୁ କ୍ରିୟାଶୀଳ କରିବା ପାଇଁ ପୁନର୍ଗଠନ କରିବା ସକାଶେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ସଂଗଠନର ୧୦ଟି ପଦାଧିକାରୀ ପୁନର୍ଗଠନ କରାଯାଇଥିଲା। ରୋହିତ କହଁର (ଗାନ୍ଧୀନଗର) ସଭାପତି, ମକରଧ୍ୱଜ ମହାନନ୍ଦିଆ ଉପ ସଭାପତି, ବସନ୍ତ କୁମାର ଖୁରା ଉପ ସଭାପତି, ଦଶରଥ ବେହେରା (ଆଡେଣୀଗଡ) ଉପ ସଭାପତି, ସୁଧାଂଶୁ ଡାଙ୍ଗ (ବାଳିପୁର) ସାଧାରଣ ସମ୍ପାଦକ, କହେଁଇ ବାଦି (ବହିରା) ସହକାରୀ ସାଧାରଣ ସମ୍ପାଦକ, ସେବତୀ ବେହେରା (ଲଣ୍ଡରିଯୋର୍) ଯୁଗ୍ମ ସମ୍ପାଦକ, ରାମଚନ୍ଦ୍ର ତାଣ୍ଡି (ମଲ୍ଲିକୁଦ) କୋଷାଧକ୍ଷ, ନିବାସ ହାତୀ (ବଡ଼ ଖଲିଗାଁ) ସହକାରୀ କୋଷାଧକ୍ଷ, ଦେବଦତ୍ତ ସାଗର(ପୁରୁଣାପାଣି)ଙ୍କୁ ସଂଗଠନ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ଦ୍ୱିତୀୟରେ ସାଧାରଣ ପରିଷଦର ସମସ୍ତ ସଦସ୍ୟ ପୂରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତୃତୀୟରେ ଜିଲାର ସମସ୍ତ ଭୂମିହୀନ ହିତାଧିକାରୀଙ୍କୁ ତୁରନ୍ତ ପଟ୍ଟା ପ୍ରଦାନ କରିବାକୁ ଆଲୋଚନା କରିବା ପାଇଁ ୨୦ ତାରିଖରେ କନ୍ଧମାଳ, ୨୩ରେ ହରଭଙ୍ଗା ଏବଂ ବୌଦ୍ଧ ତହସିଲଦାରଙ୍କୁ ଭେଟିବା ସକାଶେ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ଏପ୍ରିଲ ୧୬ରେ ସଂଗଠନର ୨୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରତିଷ୍ଠା ଦିବସ ଏବଂ ଆମ୍ବେଦକରଙ୍କ ଜୟନ୍ତୀ ବହିରା ବନ୍ୟା ଆଶ୍ରୟସ୍ଥଳୀଠାରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସକ୍ରିୟ ଆଗ୍ରହୀ ସାମାଜିକ କର୍ମୀମାନଙ୍କୁ ନେଇ ୭୦ଟି ପଞ୍ଚାୟତ କମିଟି ପୁନର୍ଗଠନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସଂଗଠନ ଜିଲା କାର୍ଯ୍ୟକାରିଣୀ ସଦସ୍ୟ କଳିଙ୍ଗ ତଣ୍ଡିଆ, ମହାଦେବ କଲତା, ନନ୍ଦିନୀ ନାଏକ, ଇନ୍ଦ୍ରଜିତ ହାତୀ, ସନ୍ତୋଷ କୁମାର ବେହେରା, ସଞ୍ଜିତ କୁମାର ଜେନା, ଅନିରୁଦ୍ଧ ବେହେରା, କ୍ଷେତ୍ର ମୋହନ ମହାନନ୍ଦ, ପ୍ରଜାପତି ଭବସାଗର, ଶଙ୍କର ତଣ୍ଡିଆ, ପ୍ରଦୀପ ନନ୍ଦ, ରାଜେନ୍ଦ୍ର ବାଘ, ଜୟରାମ ହରିପାଲ, ବରୁଣ ଦୀପ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ୩ ବ୍ଲକରେ ହେବ ବୈଷୟିକ ଶିକ୍ଷା ଓ ନିଯୁକ୍ତିଭିତ୍ତିକ ତାଲିମ ଶିବିର

**ବୌଦ୍ଧ,୧୯।୩(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ ଓ ବୌଦ୍ଧ ଜିଲା ପ୍ରଶାସନର ମିଳିତ ସହଯୋଗରେ ଜିଲାର ତିନୋଟି ବ୍ଲକ ପରିସରରେ ବ୍ଲକସ୍ତରୀୟ ବୈଷୟିକ ଶିକ୍ଷା ଓ ନିଯୁକ୍ତିଭିତ୍ତିକ ତାଲିମ ପରାମର୍ଶ ଶିବିର ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ମିଳିଥିବା ସୂଚନା ମୁତାବକ, ୨୧ ତାରିଖରେ ହରଭଙ୍ଗା ବ୍ଲକ କାର୍ଯ୍ୟାଳୟଠାରେ , ୨୨ ତାରିଖରେ ବୌଦ୍ଧ ବ୍ଲକ ଓ କନ୍ଧମାଳ ବ୍ଲକ କାର୍ଯ୍ୟାଳୟ ପରିସରରେ ୨୩ ତାରିଖ ଦିନ ଏହି ପରାମର୍ଶ ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର, ଡିପ୍ଲୋମା ପାଠ୍ୟକ୍ରମ ବିଶ୍ୱ ଦକ୍ଷତା କେନ୍ଦ୍ର ଭୁବନେଶ୍ୱରରେ ୨୦୨୩ ଶିକ୍ଷାବର୍ଷ ପାଇଁ ଶିକ୍ଷା ଗ୍ରହଣ କରିବାକୁ ଚାହୁଁଥିବା ଛାତ୍ରୀଛାତ୍ରମାନେ କିମ୍ବା ସେମାନଙ୍କ ଅଭିଭାବକମାନେ ପହଞ୍ଚି ଆବେଦନ କରିପାରିବେ। ଏଥିସହିତ ଶିବିରରେ ଜିଲାର ସମସ୍ତ ବ୍ଲକ ଓ ସହରାଞ୍ଚଳର ୧୮ ବର୍ଷରୁ ଉର୍ଦ୍ଧ୍ୱ ବେକାର ଯୁବତୀ ଯୁବକମାନେ ଅଂଶଗ୍ରହଣ କରି ସରକାରୀ ଅନୁବନ୍ଧିତ ଅନୁଷ୍ଠାନଗୁଡିକରେ ମାଗଣାରେ ତାଲିମ ନେଇ ବେସରକାରୀ କ୍ଷେତ୍ରରେ ଯୋଗାଇ ଦିଆଯାଉଥିବା କର୍ମ ନିଯୁକ୍ତିର ସୁଯୋଗ ନେବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# କୋସଲି କବିତା ଆସର ଭାବ ପ୍ରହର

**ସୋନପୁର,୧୯।୩(ନି.ପ୍ର.)**

**ଇଙ୍କ୍‌ଫେଷ୍ଟ୍ ଷଷ୍ଠ ସନ୍ଧ୍ୟା**

ସୁବର୍ଣ୍ଣପୁର ରୟାଲ ପଡିଆରେ ଚାଲିଥିବା ପଞ୍ଚମ ବାର୍ଷିକ ପୁସ୍ତକ ଓ ସାରସ୍ୱତ ଉତ୍ସବ ଇଙ୍କ୍‌ଫେଷ୍ଟର ରବିବାର ଥିଲା ଷଷ୍ଠ ସନ୍ଧ୍ୟା। ଏହି ଅବସରରେ କୋସଲି କବିତା ଆସର ଭାବ ପ୍ରହର ଆୟୋଜିତ ହୋଇଥିଲା। ଆସରରେ ୫୦ରୁ ଉର୍ଦ୍ଧ୍ୱ କବୟିତ୍ରୀ ଓ କବି ଯୋଗଦାନ କରି ସ୍ୱରଚିତ କବିତା ପାଠ କରିଥିଲେ। କବିଙ୍କ କବିତା ଇଙ୍କ୍‌ଫେଷ୍ଟର ସନ୍ଧ୍ୟା ସମୟକୁ ବେଶ ସରସ ସୁନ୍ଦର କରିଥିଲା। ଆସରରେ ଅଧକ୍ଷତା କରିଥିଲେ ଲେଖକ ତଥା କବି ଆର୍ତ୍ତତ୍ରାଣ ବାବୁ। କବିତା ଆସରକୁ ସଂଯୋଜନା କରିଥିଲେ କବୟିତ୍ରୀ ଚନ୍ଦ୍ରାବତୀ ପାଣ୍ଡେ, ଅଖୋଜ ଶାଣ୍ଡ ଓ କୃପାସିନ୍ଧୁ ମହାକୁର। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ମୁକୁନ୍ଦ ଧରୁଆ। ଦୁର୍ଯ୍ୟୋଧନ ମେହେର ଧନ୍ୟବାଦ ପ୍ରଦାନ କରିଥିଲେ। ଅମ୍ବୁଜ ବିହାରୀ ଶତପଥୀ, ପ୍ରଦ୍ୟୁମ୍ନ ସାହୁ, ହିମାଂଶୁ ଭୂଷଣ ପଣ୍ଡା ବନବାସ ମେହେର, ସୁଦାମ ପୁଟେଲ, ଯୁଧୀଷ୍ଠିର ବାରିକ, ନନ୍ଦକାହ୍ନା ପୂଜାହାରୀ, ଗତିକୃଷ୍ଣ ମିଶ୍ର, ବେଣୁଧର ପ୍ରଧାନ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ଐତିହାସିକ ତଥା କବି ସୁଦାମ ନାଏକଙ୍କ ଲିଖିତ ପୁସ୍ତକ ମନ୍ଦିର ମାଳିନୀ ସୁବର୍ଣ୍ଣପୁର ର ନୂତନ ସଂଙ୍କଳନକୁ ଅତିଥି ବୃନ୍ଦ ଉନ୍ମୋଚନ କରିଥିଲେ।



କୋସଲି କବିତା ଆସରରେ ଉପସ୍ଥିତ କବି ଓ ସାହିତ୍ୟିକ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୦ ମାର୍ଚ୍ଚ, ୨୦୨୩


## ସଂକ୍ଷେପରେ

### ରାଶନ ଦୋକାନ କାଷ୍ଠ ଭାଙ୍ଗି ଚୋରି

**ବ୍ରଜରାଜନଗର, ୧୯।୩ (ଡି.ଏନ୍.ଏ.):** ଜରାଜନଗର ଥାନା ଅନ୍ତର୍ଗତ ଅଣ୍ଡା ଛକରେ ଚୋରମାନଙ୍କର ପ୍ରାଦୁର୍ଭାବ ଏତେ ମାତ୍ରାରେ ବଢ଼ି ଗଲାଣି ଯେ, ଦୋକାନୀମାନେ ଆଉ ସୁରକ୍ଷିତ ମଣୁ ନାହାନ୍ତି। ପ୍ରତ୍ୟେକ ମାସରେ ୮ରୁ ୧୦ଥର ଚୋରି ହେଉଛି। ଦୋକାନୀମାନେ ବାରମ୍ବାର ଥାନାରେ ଅଭିଯୋଗ କରୁଛନ୍ତି ହେଲେ ପୋଲିସ କେବଳ ନିରବଦ୍ରଷ୍ଟା ସାଜି ଚୁପଚାପ ବସି ରହୁଛି। ଫଳରେ ଚୋରମାନଙ୍କର ସାହସ ବଢ଼ିବାରେ ଲାଗିଛି। ଶୁକ୍ରବାର ଚୋରମାନେ ସେହି ଛକରେ ଗୋଟିଏ ହୋଟେଲର ଆଜବେଷ୍ଟସ ଭାଙ୍ଗି ଚୋରି କରିଥିଲେ। ଶନିବାର ସେହି ଜାଗାରେ ଜଗବନ୍ଧୁ କବିଙ୍କ ରାଶନ ଦୋକାନ ପଛପଟ କାଷ୍ଠ ଭାଙ୍ଗି ରାସନ ସାମଗ୍ରୀ ଚୋରି କରି ନେଇଛନ୍ତି। ପୋଲିସ ଆସି ଘଟଣା ସ୍ଥଳରେ ପହଞ୍ଚି ଚୋରମାନଙ୍କୁ ଧରିବ ବୋଲି ପ୍ରତିଶ୍ରୁତି ଦେଇଛି।

### ଟ୍ରେନ୍‌ରେ କଟି ମୃତ ଯୁବକଙ୍କ ପରିଚୟ ମିଳିଲା

**ରାଉରକେଲା ଅଫିସ,୧୯।୩:** ରାଉରକେଲାରେ ଶନିବାର ଟ୍ରେନ ଧକ୍କାରେ ମୃତ୍ୟୁ ଘଟିଥିବା ଯୁବକଙ୍କ ପରିଚୟ ମିଳିଛି। ମୃତ ଯୁବକ ଜଣଙ୍କ ସେକ୍ଟର-୬ ଭଗବତିପାଲୀ ବସ୍ତିର କାର୍ତ୍ତିକ ଚନ୍ଦ୍ର ରାଉତ(୪୫) ବୋଲି ଜଣାପଡିଛି। ରବିବାର ପୋଲିସ ପରିଚୟ ପାଇବା ପରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କାର୍ତ୍ତିକ ଆର୍‌ଏସ୍‌ପିରେ ଡ୍ରାଇଭର ଭାବେ କାମ କରନ୍ତି। ସେ ଶନିବାର ସକାଳେ ଶୌଚ ହେବା ପାଇଁ ଘରୁ ଯାଇ ବିଶ୍ରା ରେଲୱେ ଫ୍ଲାଏ ଓଭରବ୍ରିଜ ତଳେ ରେଳ ଧାରଣା ଅତିକ୍ରମ କରୁଥିବାବେଳେ ତାଙ୍କୁ ତପସ୍ୱିନୀ ସୁପରଫାଷ୍ଟ ଏକ୍ସପ୍ରେସ ଧକ୍କା ଦେଇଥିଲା।

### ବ୍ୟାସକ୍ଷେତ୍ର ସ୍ୱଚ୍ଛତା ଅଭିଯାନ

**ରାଉରକେଲା ଅଫିସ,୧୯।୩:** ରାଉରକେଲା ବେଦବ୍ୟାସ ପୀଠ ବିକାଶ ମଞ୍ଚ ପକ୍ଷରୁ ବେଦବ୍ୟାସ ପୀଠରେ ରବିବାର ସଫେଇ କରାଯାଇଛି। ମଞ୍ଚର ଆବାହକ ବଦ୍ରୀ ନାରାୟଣ ପାଢ଼ୀ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ହୃଷିକେଶ ବଲିଆରସିଂ, ଶ୍ୟାମସୁନ୍ଦର ଜେନା, କେଦାର ନାଥ ପାଢ଼ୀ, ଅର୍ଜୁନ ଚନ୍ଦ୍ର ସାହୁ, ବିଜୟାନନ୍ଦ ଅଗ୍ରୱାଲ,ସୁନିଲ ମହାପାତ୍ର, ପ୍ରତାପ କରଣ, ବିଭୂତି ଭୂଷଣ ଦାସ, ନରେନ୍ଦ୍ର କୁମାର ଦାଶ, ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପୋଷାକ କିଣି ଟଙ୍କା ନ ଦେଇ ଚମ୍ପଟ
#### ୨ ଗ୍ରାହକଙ୍କୁ ଧରିଲା ପୋଲିସ

**ସୁନ୍ଦରଗଡ଼,୧୯।୩(ଡି.ଏନ୍.ଏ.):** ସ୍ଥାନୀୟ ପୌରପାଳିକା କାର୍ଯ୍ୟାଳୟ ନିକଟରେ ଥିବା ଏକ ଡ୍ରେସ୍ (ପୋଷାକ) ଦୋକାନରୁ ୨୧ ହଜାର ଟଙ୍କାର ପୋଷାକ କିଣି ଅନ୍‌ଲାଇନ ମାଧ୍ୟମରେ ଟଙ୍କା ଦେଇଥିବା କହି ଚମ୍ପଟ ମାରିବା ଅଭିଯୋଗରେ ଟାଉନ ଥାନା ପୋଲିସ ଦୁଇ ଜଣ ଠକ ଗ୍ରାହକଙ୍କୁ ରବିବାର ସନ୍ଧ୍ୟାରେ ଥାନାରେ ଅଟକ ରଖିଛି। ଅଟକ ଥିବା ଦୁଇ ଜଣ ଗ୍ରାହକ ଛତିଶଗଡ଼ ଅଞ୍ଚଳର। ସେମାନେ ସୁନ୍ଦରଗଡ଼ରେ ରହି ଏକ ଗ୍ରାହକ ସେବା କେନ୍ଦ୍ର ଖୋଲିଛନ୍ତି। ଏହି ଦୁଇ ଜଣ ୨୧ ହଜାର ଟଙ୍କାର ପୋଷାକ କିଣି ଅନଲାଇନ ମାଧ୍ୟମରେ ଏହି ଟଙ୍କା ଦେଇଥିବା କହି ଚାଲି ଯାଇଥିଲେ। ମାତ୍ର ଦୋକାନୀ ଜଣକ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସି ନ ଥିବା ଜାଣିବା ପରେ ଟାଉନ ଥାନାରେ ଜଣାଇଥିଲେ। ଏହା ପରେ ପୋଲିସ ପାଲହୋଟେଲ ଛକରେ ଥିବା ଏହି ଦୁଇ ଯୁବକଙ୍କୁ ଥାନାରେ ଆଣି ଅଟକ ରଖି ପଚରାଉଚରା ଚଳାଇଛି।

### ଶ୍ରମିକ ନେତା ଏନ୍‌ଡିଏନ୍ ପାନିକରଙ୍କ ଶ୍ରଦ୍ଧାଞ୍ଜଳି ସଭା

ରାଉରକେଲା ଅଫିସ,୧୯।୩: ରାଉରକେଲା ଶ୍ରମିକ ସଂଘର ପ୍ରତିଷ୍ଠାତା ତଥା ବରିଷ୍ଠ ଶ୍ରମିକ ନେତା ସ୍ୱର୍ଗୀୟ ଏନ୍‌ଡିଏନ୍ ପାନିକରଙ୍କ ୮ମ ଶ୍ରଦ୍ଧାଞ୍ଜଳି ସଭା ରବିବାର ସେକ୍ଟର-୧୮ ସ୍ଥିତ ଶ୍ରମିକ ମନ୍ଦିରରେ ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ତଥା ଗାଙ୍ଗପୁର ମଜଦୁର ସଂଘ ଅଧ୍ୟକ୍ଷ ଜର୍ଜ ତିର୍କୀ ମୁଖ୍ୟ ଅତିଥି, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ରାଜୀବ ପାଣି ମୁଖ୍ୟବକ୍ତା, ରାଉରକେଲା ଶ୍ରମିକ ସଂଘ ସଭାନେତ୍ରୀ ଡିଏନ୍ ପାନିକର, ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, ଶ୍ରମିକ ନେତା ଅକ୍ଷୟ ଜେନା, ଦିଲୀପ ମହାପାତ୍ର, ବି.କେ. ଶେଖର ଦେବ, ସୁରେଶ ପାଣିଗ୍ରାହୀ, ନିହାର ଦାଶ, ନିହାର ସାମଲ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ରହି ସ୍ୱର୍ଗୀୟ ପାନିକରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରୀ ସୁଶ୍ରୀ ଜସଭି ପରମାର, ଛାତ୍ର ଲଳିତେନ୍ଦୁ ଜଗତଜ୍ୟୋତି ମିଶ୍ର ଏବଂ ସଙ୍କେତ ସୁମନ ସିଂଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ମାଟ୍ରିକ୍, ଆଇସିଏସ୍‌ଇ ଓ ସିବିଏସ୍‌ଇରେ ଉଲ୍ଲେଖନୀୟ ନମ୍ବର ରଖିଥିବା ୩ଜଣ ବିଦ୍ୟାର୍ଥୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ନିହାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତି ଷ୍ଟଲ୍‌ରେ ଆକର୍ଷଣୀୟ ଅଫର ସୁଯୋଗ

## ସ୍ୱଦେଶୀ ମେଳାର ଆଜି ଶେଷ ଦିବସ

ରାଉରକେଲା ଅଫିସ,୧୯।୩

ରାଉରକେଲା ସେକ୍ଟର-୧୩ ସ୍ଥିତ ମେଳଣ ପଡିଆରେ ସିବିଏମ୍‌ଡି ପକ୍ଷରୁ ଆୟୋଜିତ ୨୪ତମ ସ୍ୱଦେଶୀ ମେଳାର ସୋମବାର ଶେଷ ଦିବସ। ତେଣୁ ମେଳାରେ ଉପଲବ୍ଧ ସମସ୍ତ ପ୍ରକାର ସ୍ୱଦେଶୀ ସାମଗ୍ରୀ ପ୍ରଦର୍ଶିତ ଥିବାବେଳେ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଷ୍ଟଲ ମାଲିକମାନେ ଶେଷ ଦିନରେ ସ୍ୱତନ୍ତ୍ର ରିହାତି ବ୍ୟବସ୍ଥା କରିଛନ୍ତି। ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ସାଙ୍ଗକୁ ଜିଲାର ଲଘୁ ଓ କ୍ଷୁଦ୍ର ଉଦ୍ୟୋଗୀମାନେ ନିଜ ସାମଗ୍ରୀ ସହ ଯୋଗ ଦେଇଛନ୍ତି। ଏହି ମେଳା ଅପରାହ୍ନ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲୁଛି।

ମେଳାର ମୁଖ୍ୟ ଆକର୍ଷଣ ଘଣା ନଡିଆ ତେଲ, ଲାଇଫ ଷ୍ଟାଇଲ ଆସବାବପତ୍ର, ଘରକରଣା ସାମଗ୍ରୀ, ହୋମ୍ ଡେକର, କନ୍ଧମାଳ ହଳଦୀ, ଉତ୍ତର ପ୍ରଦେଶର ପିତ୍ତଳବାସନ, ଟାଟା ମୋଟର, କ୍ରାଫ୍ଟର ଶୁଦ୍ଧ ପାନୀୟ ଜଳ ଆଦି ଷ୍ଟଲରେ ଗ୍ରାହକମାନଙ୍କ ଭିଡ ଦେଖିବାକୁ ମିଳୁଛି। ମେଳା ପରିସରରେ ଆୟୋଜିତ ସମସ୍ତ ପ୍ରତିଯୋଗୀଙ୍କୁ ସୋମବାର ସନ୍ଧ୍ୟା କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବା କାର୍ଯ୍ୟକ୍ରମ ରହିଛି। ଏଥିସହ ମେଳାର ଶେଷ ସନ୍ଧ୍ୟାରେ ଅତିଥି ଭାବେ ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ର, ଏନ୍‌ଆଇଟି ନିର୍ଦ୍ଦେଶକ କେ. ଉମାମହେଶ୍ୱର ରାଓ, ସଂଘର୍ଷ ବାହିନୀ ପ୍ରମୁଖ ଅନ୍ନଦା ଶଙ୍କର ପ୍ରସାଦ, ଭାରତ ସରକାରଙ୍କ କେଭିଆଇସି ସଦସ୍ୟ ମନୋଜ କୁମାର ସିଂ, ଗୃହସ୍ଥୀ ପ୍ରତିଷ୍ଠାତା ଗଣେଶ ପ୍ରସାଦ ବାଗେଡିଆ ପ୍ରମୁଖ ଯୋଗ ଦେବେ। ତେଣୁ ଏହି ମେଳାର ଶେଷ ସୁଯୋଗ ନେବା ପାଇଁ ଅଧ୍ୟକ୍ଷ ଶୁଭ ପଟ୍ଟନାୟକ, ସଂଯୋଜିକା ନିହାରିକା ବସ୍ତିଆ, ମନୋଜ ନାୟକ, ପ୍ରମୋଦ ଜେନା, ଦିନେଶ ଭୋଳ, ଭରତ ଗୌଡ ପ୍ରମୁଖ ନିବେଦନ କରିଛନ୍ତି ।


ସ୍ୱଦେଶୀ ମେଳାର ସାଂସ୍କୃତିକ ସନ୍ଧ୍ୟାରେ ସମ୍ମାନିତ କରାଯାଉଛି।

# 'ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ରୋଜଗାର ଲକ୍ଷ୍ୟ'

ରାଉରକେଲା ଅଫିସ,୧୯।୩

ରାଉରକେଲାର ଏକ ଘରୋଇ ହୋଟେଲ ପରିସରରେ ଆମ୍ ଆଦମୀ ପାର୍ଟି ସୁନ୍ଦରଗଡ ଜିଲା ପକ୍ଷରୁ ରବିବାର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ଆପ୍‌ର ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ଯୋଗଦେଇ ଦିଲ୍ଲୀ ଓ ପଞ୍ଜାବ ପରି ସମସ୍ତ ଓଡିଶାବାସୀଙ୍କୁ ମାଗଣା ବିଜୁଳି, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ପ୍ରଦାନ ସହିତ ମହିଳା ସଶକ୍ତୀକରଣ, ମିଶନ ଶକ୍ତି ଅନ୍ତର୍ଗତ କାର୍ଯ୍ୟ କରୁଥିବା ମହିଳାମାନଙ୍କୁ ସ୍ଥାୟୀ ନିଯୁକ୍ତି ଓ ସେମାନଙ୍କ ଦରମା ବୃଦ୍ଧି କରିବା ଆମ୍ ଆଦ୍‌ମୀ ପାର୍ଟିର ଲକ୍ଷ୍ୟ ବୋଲି କହିଥିଲେ। ସେହିପରି ତୃଣମୂଳ ସ୍ତରରୁ ଦଳକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା। ଆପ୍‌ର ଜିଲା ଆବାହକ ବିନୟ ତିୱାରୀଙ୍କ ଅଧ୍ୟକ୍ଷତାରେ ଦଳର ଜିଲା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ବେହେରା, ଜିଲା ସଙ୍ଗଠନ ସମ୍ପାଦକ ବିଭୂତି ଭୂଷଣ ପାଢ଼ୀ, ଜିଲା ସମ୍ପାଦକ ଦଲବୀର ସିଂ, ରମାକାନ୍ତ ନାୟକ, ଚିନ୍ତାମଣି ମହାନନ୍ଦିଆ, ଲମ୍ବୋଧର ମହାନ୍ତ, ବିନୟ କୁଲୁ, ବିମଲ ମିଞ୍ଜ, ଦୀପକ ଦାସ, ଭାଗୀରଥୀ ଧଳ, ଉପେନ୍ଦ୍ର କୁସୁମ, ସଞ୍ଜୀବ ବାରୱା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ସୁନ୍ଦରଗଡ ଜିଲାର ୭ ବିଧାନସଭା ଅଧୀନ ୧୭ ବ୍ଲକ ଓ ୪ଟି ମ୍ୟୁନିସିପାଲିଟିରୁ ୨ଶହରୁ ଊର୍ଦ୍ଧ୍ୱ କର୍ମୀ ଅଂଶଗ୍ରହଣ କରିଥିଲେ।

# ୨୩ରୁ ଜାତୀୟ ନାଟ୍ୟ ମହୋତ୍ସବ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅନୁଷ୍ଠାନର କର୍ମକର୍ତ୍ତାଗଣ।

ରାଉରକେଲା ଅଫିସ,୧୯।୩

ରାଉରକେକା ସିଭିକ୍ ସେଣ୍ଟରରେ ଆସନ୍ତା ୨୩ ତାରିଖରୁ ଜାତୀୟ ନାଟ୍ୟ ମହାକୁମ୍ଭ ଆରମ୍ଭ ହେବ। ଏହା ୫ଦିନ ବ୍ୟାପୀ ୨୭ ତାରିଖ ଯାଏ ଚାଲିବ। ମହୋତ୍ସବର ବିଭିନ୍ନ ଦିବସରେ ନାଟ୍ୟ ପ୍ରତିଭାମାନଙ୍କୁ ନେଇ ପ୍ରତିଯୋଗିତା ଓ କ୍ଷୁଦ୍ରନାଟ୍ୟ ପରିବେଷଣ କରାଯିବ। ଏ ନେଇ ଶନିବାର ସେକ୍ଟର-୫ ସ୍ଥିତ କଲଚରାଲ ଏକାଡେମୀରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଉରକେଲାର ନାଟ୍ୟାନୁଷ୍ଠାନ 'ସମ୍ପର୍କ'ର ସଭାପତି ସୁବ୍ରତା ପତି ଓ ସମ୍ପାଦକ ଭାସ୍କର ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ମହୋତ୍ସବରେ ନାଟକ ପରିବେଷଣ ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ପ୍ରତିଭାଧାରୀମାନଙ୍କୁ ମଧ୍ୟ ସମ୍ମାନିତ କରାଯିବ। ୨୭ତାରିଖରେ ବିଶ୍ୱ ନାଟ୍ୟ ଦିବସ ପାଳନ ଅବସରରେ ସକାଳ ୮ଟାରେ ପଦଯାତ୍ରା ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟାରେ ଯୁବ ପ୍ରତିଭା ଓ ମଞ୍ଚ ନାଟକ ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। ନାରାୟଣ ପତି, ଡଃ ସମର ମୁଦାଲି, ସାଂସ୍କୃତିକ ସମ୍ପାଦକ ସୁରେନ୍ଦ୍ର ପାଢ଼ୀ, ନୃସିଂହ ମହାନ୍ତି, ସୁଦେଷ୍ଣା ରାଉତ, ପୁଷ୍ପା ବିଶୋଇ, ସସ୍ମିତା ବେକ୍, ସୁରଭି ରଣା, ପ୍ରଳୟ ଶତପଥି, ଅଶୋକ ବଳ, ପଞ୍ଚାନନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜନଆରୋଗ୍ୟ ସମିତି ବୈଠକ



ଜରଙ୍ଗଲୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ଜନଆରୋଗ୍ୟ ସମିତି ବୈଠକ।

## ବିଭିନ୍ନ ସମସ୍ୟା ଉପରେ ଆଲୋଚନା

ବଡ଼ଗାଁ, ୧୯।୩ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବରଗାଁକଛାର ଓ ଜରଙ୍ଗଲୋଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ଜନଆରୋଗ୍ୟ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବରଗାଁକଛାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ବୈଠକରେ ଜନଆରୋଗ୍ୟ ସମିତିର ଅଧ୍ୟକ୍ଷ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ସ୍ଥାନୀୟ ସରପଞ୍ଚ ରାଜେଶ୍ୱରୀ କାଲୋ, ଡାକ୍ତର ସସ୍ମିତା ପଟେଲ, ବିପିଏମ ଅରୁଣ ବେହେରା, ବିଏଏମ ସଞ୍ଜୀବ ପଟେଲ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ବର୍ଷ ହେଲା ପାଣି ସମସ୍ୟା ଲାଗିରହିଛି। ଫଳରେ ରୋଗୀ ଓ କର୍ମଚାରୀମାନେ ଘୋର ହଇରାଣ ହେଉଥିବା, ୪ଟି ଷ୍ଟାଫ କ୍ୱାର୍ଟର୍ସ ଆବଶ୍ୟକ ଥିବା ଡାକ୍ତର ପଟେଲ ଜିଲା ପରିଷଦ ସଭ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଜରଙ୍ଗଲୋଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ଜନଆରୋଗ୍ୟ ସମିତି ବୈଠକରେ ଜିଲା ପରିଷଦ ସଭ୍ୟ ପ୍ରଧାନ, ସରପଞ୍ଚ ମେନକା କାଲୋ, ବିଡ଼ିଓ କ୍ଷମାନିଧି ଭୋଇ, ଡାକ୍ତର କଲ୍ୟାଣୀ ଡନସନା, ବିପିଏମ ବେହେରା, ଫାର୍ମାସିଷ୍ଟ ରଜତ ସାହୁ, ଷ୍ଟାଫ ନର୍ସ ଗୁନୁ ଧରଙ୍କ ସହିତ କର୍ମଚାରୀମାନେ ଯୋଗଦେଇ ଆଲୋଚନା କରିଥିଲେ। ଜରଙ୍ଗଲୋଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଷ୍ଟାଫ କ୍ୱାର୍ଟର୍ସ ଅଭାବ ଥିବା, ଡାକ୍ତରଖାନାକୁ ଆସୁଥିବା ଲୋକଙ୍କ ପାଇଁ ଶୌଚାଳୟ, ମେଡିସିନ ରଖିବା ପାଇଁ ଗୃହ ଆଦି କେତେକ ଆବଶ୍ୟକତା ଉପରେ ଡାକ୍ତର ଡନସନା ଜିଲା ପରିଷଦ ସଭ୍ୟ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସବୁ ସମସ୍ୟା ଉପରେ ସିଡିଏମ୍‌ଓଙ୍କୁ ଚିଠି କରି ଜଣାଇବେ ବୋଲି ଜିଲା ପରିଷଦ ସଭ୍ୟ ପ୍ରଧାନ କହିଥିଲେ।

## ୩ଦିନ ପରେ ରାଉରକେଲାରୁ ଉଡ଼ିଲା ବିମାନ

ରାଉରକେଲା ଅଫିସ,୧୯।୩

ରାଉରକେଲା ବିମାନବନ୍ଦରରୁ ୩ଦିନ ହେଲା ବିମାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବା ପରେ ରବିବାର ବିମାନ ଉଡ଼ାଣ ଭରିଥିବା ଜଣାପଡିଛି। ରାଉରକେଲା ବିମାନବନ୍ଦର ବିମାନ ଚଳାଚଳ କାର୍ଯ୍ୟ ପରିଚାଳନା କରୁଥିବା ଆଲିଏଞ୍ଜ ଏୟାର ଲିମିଟେଡର ଷ୍ଟେଶନ ମାଷ୍ଟର ରାହୁଲ ସିଂ କହିଛନ୍ତି, ପ୍ରତିକୂଳ ପାଗ ଯୋଗୁ ରାଉରକେଲା ବିମାନବନ୍ଦରରୁ ଗତ ୩ଦିନ ଧରି ବିମାନ ଚଳାଚଳ ବନ୍ଦ ରହିଥିଲା। ତେବେ ଶନିବାର ଅପରାହ୍ନ ୪ଟା ୧୫ଟାରେ ଭୁବନେଶ୍ୱର ବିମାନ ବନ୍ଦରରୁ ଏକ ବିମାନ ୪୫ଜଣ ଯାତ୍ରୀଙ୍କୁ ଧରି ରାଉରକେଲା ଯାତ୍ରା କରିଥିଲା। ମାତ୍ର ରାଉରକେଲାରେ ବର୍ଷା ସାଙ୍ଗକୁ ମେଘୁଆ ପାଗ ଲାଗି ଯୋଗୁ ଉକ୍ତ ବିମାନ ଅବତରଣ କରି ନ ପାରି ଭୁବନେଶ୍ୱର ଫେରିଯାଇଥିଲା। ରାଉରକେଲା ବିମାନ ବନ୍ଦରରେ ଏୟାଏ ଇନ୍‌ଷ୍ଟ୍ରୁମେଣ୍ଟ ଲ୍ୟାଣ୍ଡିଂ ସିଷ୍ଟମ୍ (ଆଇଏଲ୍‌ଏସ୍) ବ୍ୟବସ୍ଥା ନ ଥିବାରୁ ଏଭଳି ହୋଇଥିବା ଜଣାପଡିଛି। ଏ ନେଇ ଆଲିଏଞ୍ଜ ଏୟାର ଲିମିଟେଡ୍ ରାଉରକେଲା ଏୟାରପୋର୍ଟର ଷ୍ଟେଶନ ମାଷ୍ଟର ରାହୁଲ ସିଂଙ୍କୁ ପଚାରିବାରୁ ପାଗ ଅନୁକୂଳ ଯୋଗୁ ରବିବାର ରାଉରକେଲାରୁ ବିମାନ ଉଡ଼ାଣ ଭରିଛି ବୋଲି କହିଥିଲେ।

## ରାଜଗାଙ୍ଗପୁରରେ ମେଗା ସ୍ୱାସ୍ଥ୍ୟ ଶିବିର

ରାଜଗାଙ୍ଗପୁର, ୧୯।୩(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ବରିଷ୍ଠ ନାଗରିକ ସଂଘ ତଥା ଲାୟନ୍ସ କ୍ଲବର ମିଳିତ ଆନୁକୂଲ୍ୟରେ ମିଳନ କ୍ଲବରେ ରବିବାର ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟର ୟୁନିଟ ହେଡ୍ ଚେତନ ଶ୍ରୀବାସ୍ତବ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ବୁର୍ଲା ଡାକ୍ତରଖାନାରୁ ବିଭିନ୍ନ ବିଶେଷଜ୍ଞ,ଏଲଭି ପ୍ରସାଦ ଚକ୍ଷୁ କେନ୍ଦ୍ରରୁ ବିଶେଷଜ୍ଞ ତଥା ମେଡିସିନ ବିଶେଷଜ୍ଞ ଡାକ୍ତର ହରେକୃଷ୍ଣ ପଣ୍ଡା, ଡାକ୍ତର ଉମେଶ ଚନ୍ଦ୍ର ଗୁରୁ ପ୍ରମୁଖ ଯୋଗଦେଇ ୨୫୬ଜଣ ରୋଗୀଙ୍କୁ ଚିକିତ୍ସା କରିଥିଲେ। ସେମାନଙ୍କୁ ମାଗଣାରେ ଔଷଧ ଯୋଗାଇ ଦିଆଯାଇଥିଲା। ଡିବିସିଏଲର ସହ ନିର୍ଦ୍ଦେଶକ ଡକ୍ଟର ନିଳାଦ୍ରି ଭୂଷଣ ପାଢ଼ି, ଉପନଗରପାଳ ମହମ୍ମଦ ଇରଫାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦୁଇଟି ଅନୁଷ୍ଠାନର ପଦ୍ମନାଭ ସାମଲ, ରବିନାରାୟଣ ସାହୁ, ସୁଧିର ରଣା ତଥା ଡିବିସିଏଲର ଶିବନାରାୟଣ ପରିଜା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ମାଗଣା ମେଗା ସ୍ୱାସ୍ଥ୍ୟ ଶିବିରରେ ଆୟୋଜକ, ବିଶେଷଜ୍ଞ ଡାକ୍ତର।

## ଏପ୍ରିଲ ୫ ଦିଲ୍ଲୀ ଚଲୋ ଅଭିଯାନ

**ରାଉରକେଲା ଅଫିସ,୧୯।୩:** ରାଉରକେଲା ଶ୍ରମିକ ଭବନରେ ରବିବାର ସିଟୁ, ଏଆଇକେଏସ୍ ଏବଂ ଏଆଇଏଡବ୍ଲ୍ୟୁୟୁର କର୍ମକର୍ତ୍ତାମାନେ ଏପ୍ରିଲ ୫ରେ ଦିଲ୍ଲୀ ଚଲୋ ଅଭିଯାନକୁ ସଫଳ କରିବା ପାଇଁ ରବିବାର ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ସିଟୁର ବରିଷ୍ଠ ସଦସ୍ୟ ବିଷ୍ଣୁ ମହାନ୍ତି ଯୋଗଦେଇ କହିଥିଲେ, ଚାଷୀ ଏବଂ ଶ୍ରମିକଙ୍କ ହକ୍ ସମ୍ବଳିତ ୧୦ ଦଫା ଦାବି ପୂରଣ ଲାଗି ଦିଲ୍ଲୀ ଚଲୋ ଅଭିଯାନ ତଥା ପାର୍ଲାମେଣ୍ଟ ଅଭିଯାନ କରାଯାଉଛି। ଏଥିରେ ଜିଲାରୁ ୧୫ଶହ ଶ୍ରମିକ, ଚାଷୀଙ୍କ ସମେତ ସିଟୁ, ଏଆଇକେଏସ ଏବଂ ଏଆଇଏଡବ୍ଲ୍ୟୁୟୁର ସମସ୍ତ କର୍ମକର୍ତ୍ତା ମଧ୍ୟ ଏଥିରେ ସାମିଲ ରହିବେ ବୋଲି ସେ କହିଥିଲେ। ଜାହାଙ୍ଗୀର ଅଲ୍ଲୀ, ବିରେନ୍ଦ୍ର ଦାଶ, ସମୀର ନାୟକ ଓ ହୃଦୟାନନ୍ଦ ଯାଦବ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପିରେ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍ ଡ୍ରିଲ୍



ଅତିଥିମାନେ ଅଗ୍ନିକୁ ଆୟତ୍ତ କରିବାର ଉପାୟମାନ ବୁଝାଉଛନ୍ତି।

ରାଉରକେଲା ଅଫିସ,୧୯।୩

ରାଉରକେଲା ଇସ୍ପାତ କାରଖାନା କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୧ ଅନ୍ତର୍ଗତ ପାୱାର ବ୍ଲୋଇଙ୍ଗ ଷ୍ଟେଶନର ଟର୍ବାଇନ ହଲରେ ଗ୍ୟାସ ଲିକେଜ ତଥା ଅଗ୍ନିକାଣ୍ଡ ଜନିତ ଯେ କୌଣସି ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ପାଇଁ ମକ୍ ଡ୍ରିଲ ଅନୁଷ୍ଠିତ ହୋଇଥିଲା। ମକ୍ ଡ୍ରିଲରେ ରାଜ୍ୟ ସରକାରଙ୍କ ଫ୍ୟାକ୍ଟ୍ରି ଓ ବୟଲର ବିଭାଗର ଉପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ, ସହକାରୀ ନିର୍ଦ୍ଦେଶକ ଏମ୍. କେ. ମିଶ୍ର, ଆର୍‌ଏସ୍‌ପି ସେବା ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଦେବବ୍ରତ ଦତ୍ତ, ପାୱାର ବିଭାଗର ମୁଖ୍ୟ ମହାପ୍ରବନ୍ଧକ ବି. ସୁନୀଲ କାର୍ଥା, ଅଗ୍ନିଶମ ସେବା ବିଭାଗର ଜିଏମ୍ ଜେ. ବି. ପଟ୍ଟନାୟକ ପ୍ରମୁଖ ମକ୍ ଡ୍ରିଲ ନିରୀକ୍ଷଣ କରିଥିଲେ। ଏଥିରେ ଇଏମ୍‌ଡି, ପରିବହନ, ସୁରକ୍ଷା, ଅଗ୍ନିଶମ ସେବା, ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ର ସିଆଇଏସ୍‌ଏଫ୍ ଓ ସିପିପି-୧ ବିଭାଗର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ସମସ୍ତ କର୍ମୀଙ୍କୁ ୩ଟି ଦଳ କମ୍ବାଟ, ରେସକ୍ୟୁ ଓ ଆନୁଷଙ୍ଗିକ ଦଳରେ ବିଭକ୍ତ କରାଯାଇଥିଲା। ସହଯୋଗୀ ବିଭାଗ ଗୁଡିକର ସକ୍ରିୟ ସହାୟତାରେ ସିପିପି ବିଭାଗର ସାମୁଦାୟିକ ସମ୍ପୂର୍ଣ୍ଣ କରିବାରେ ଏହା ବିଶେଷ ଭୂମିକା ଗ୍ରହଣ କରିଥିଲା।

# ବନାଗ୍ନି ପ୍ରତିରୋଧ ପାଇଁ ଅଭିନବ ପ୍ରୟାସ

ସୁନ୍ଦରଗଡ଼,୧୯।୩(ଡି.ଏନ.ଏ.)

ପ୍ରତ୍ୟେକ ବର୍ଷ ଓଡ଼ିଶାର ଜଙ୍ଗଲରେ ନିଆଁ ଲାଗି ବ୍ୟାପକ ଜଙ୍ଗଲ ସମ୍ପଦ ନଷ୍ଟ ହେଉଛି। ଏହା ଏକ ପ୍ରମୁଖ ସମସ୍ୟା ଦେଖାଦେଇଥିବାବେଳେ ଏହାର ସମାଧାନ ପାଇଁ ସୁନ୍ଦରଗଡ଼ ବନଖଣ୍ଡ ପକ୍ଷରୁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଖରାମାସରେ ଦୀର୍ଘଦିନ ଧରି ବର୍ଷା ନ ହେବା ଏବଂ ଜଙ୍ଗଲରେ ଗଛଗୁଡିକରୁ ଶୁଖିଲା ପତ୍ର ଝଡି ପଡ଼ିବା ପରେ ଏଥିରେ ବିଭିନ୍ନ କାରଣରୁ ନିଆଁ ଲାଗିଥାଏ। ସେହିପରି ଚାଷ ଜମିରେ ଧାନ ଫସଲ ପରେ ବଳକା କଟା ଅଂଶରେ ମଧ୍ୟ ନିଆ ଲାଗିଥାଏ। ଏହି ନିଆଁ ନିକଟବର୍ତ୍ତୀ ଜଙ୍ଗଲକୁ ମଧ୍ୟ ଲାଗିଥାଏ। ଏପରିକି ମହୁଲ ସଂଗ୍ରହ ନିମନ୍ତେ ଗଛତଳେ ପଡିଥିବା ଶୁଖିଲା ପତ୍ରରେ ନିଆଁ ଲଗାଇ ଲୋକେ ସଫା କରିବା ସମୟରେ ମଧ୍ୟ ଜଙ୍ଗଲରେ ବିସ୍ତୀର୍ଣ୍ଣ ଅଞ୍ଚଳରେ ନିଆଁ ବ୍ୟାପିଥାଏ। ଏଭଳି ସ୍ଥିତିରେ ବନାଗ୍ନିକୁ ରୋକିବା ପାଇଁ ସୁନ୍ଦରଗଡ଼ ବନବିଭାଗ ପକ୍ଷରୁ ଏହିପରି ପ୍ରୟାସ କ୍ରମରେ ସମସ୍ତ ଅଞ୍ଚଳରେ ଅଗ୍ନି ନିରୋଧକ ପଟ୍ଟି ସୃଷ୍ଟି କରାଯିବା ସହିତ ଗ୍ରାମସ୍ତରରେ ପଦଯାତ୍ରା, ପଥପ୍ରାନ୍ତ ନାଟକ ଏବଂ କାନ୍ଥ ଚିତ୍ର ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି। ଏତଦ୍‌ବ୍ୟତୀତ ଗଛର କିଭଳି ସ୍ୱଳ୍ପ ମୂଲ୍ୟରେ କମ ପରିଶ୍ରମରେ ଏକ ଶୁଖିଲା ଜାଳେଣି ପଦାର୍ଥ ପ୍ରସ୍ତୁତ କରି ଏହାକୁ ରୋଷେଇ ନିମନ୍ତେ ଜାଳେଣୀ ରୂପେ କିଭଳି ବ୍ୟବହାର କରି ପାରିବେ ବନବିଭାଗ ପକ୍ଷରୁ ଏହି ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଏ ନେଇ ରବିବାର ଭୋଜପୁରଠାରେ ବନବିଭାଗ ପକ୍ଷରୁ ଏକ କର୍ମଶାଳାରେ ବନ କର୍ମଚାରୀ ଓ ଗ୍ରାମବାସୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

ଏହି କର୍ମଶାଳାରେ ଶୁଖିଲା ପତ୍ର, ଫସଲର ବଳକା ଅଂଶ(ନଡା), ପେଜ ଇତ୍ୟାଦି ବ୍ୟବହାର କରି ପରିବେଶ ଉପଯୋଗୀ ଜାଳେଣି ପଦାର୍ଥ(ଇକୋ-ଇଟା)ପ୍ରସ୍ତୁତ ନିମନ୍ତେ ଏକ ହାତ ତିଆରି ମେସିନ ପ୍ରଦର୍ଶନ କରାଯାଇଥିଲା। ଏହାର ବ୍ୟବହାର କୌଶଳ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବନ ବିଭାଗ ତରଫରୁ ଏହି ମେସିନ ଖୁବଶିଘ୍ର ଗ୍ରାମବାସୀମାନଙ୍କୁ ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ପ୍ରକାଶ କରିଛନ୍ତି। ଏହି ମେଶିନକୁ ବ୍ୟବହାର କରି ଦୈନନ୍ଦିନ ରୋଷେଇ ନିମନ୍ତେ ଶୁଖିଲା ପତ୍ରରୁ ସହଜରେ ଏକ ବିକଳ୍ପ ଦୀର୍ଘସ୍ଥାୟୀ ଜାଳେଣି ଉପଯୋଗୀ ପଦାର୍ଥ ପ୍ରସ୍ତୁତ କରିହେବ। ଯାହାକି ଜାଳେଣୀ କାଠ ଉପରେ ନିର୍ଭରଶୀଳତା କମାଇବା ସହିତ ବନାଗ୍ନିକୁ ସହଜରେ କମାଇବା ନିମନ୍ତେ ସାହାଯ୍ୟ କରିବ। ସୁନ୍ଦରଗଡ଼ ବନଖଣ୍ଡ ତରଫରୁ ଜଙ୍ଗଲ ସୀମାବର୍ତ୍ତୀ ଗ୍ରାମଗୁଡିକରେ ଏହାକୁ ବ୍ୟବହାର କରି ବନାଗ୍ନି ନିୟନ୍ତ୍ରଣ କରିବା ନିମନ୍ତେ ବିକଳ୍ପ ପଦକ୍ଷେପ ଭାବେ ଏହାକୁ ବ୍ୟବହାର ପାଇଁ ବିଚାର କରାଯାଉଛି ବୋଲି ବନଖଣ୍ଡ ଅଧିକାରୀ ମିରାସେ ପ୍ରକାଶ କରିଛନ୍ତି।


ବନାଗ୍ନିକୁ ସହଜରେ କମାଇବା ନିମନ୍ତେ ଗ୍ରାମବାସୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

## ସଂକ୍ଷେପରେ

### ଠକେଇ ମାମଲାରେ ଜେଲ ଗଲେ ଯୁବକ

କେସିଙ୍ଗା,୧୯।୩(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ଏନଏସି ୱାର୍ଡ ନଂ. ୪ ସାନପଡ଼ାର ମହିଳାମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିବା ଏକ ଘଟଣାରେ ପୋଲିସ ସତୀଶ ଜୈନ ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ ସାନପଡ଼ାର କିଛି ମହିଳାଙ୍କୁ ଗ୍ରୁପ ପଇସା ଉଠାଇବା ପାଇଁ ସତିଶ କହି ସେହି ପଇସା ନିଜେ ନେଇଯାଇ ଥିବା ସଂଯୁକ୍ତା ଷଣ୍ଢ ନାମକ ମହିଳା ଅଭିଯୋଗ କରିଥିଲେ। ସେହିପରି ପଡ଼ାର ଅନ୍ୟ ମହିଳାମାନେ ମଧ ସତିଶଙ୍କ କଥାରେ ପଡି ପ୍ରାୟ ୭୫ ଲକ୍ଷ ଟଙ୍କା ଗ୍ରୁପ ଫାଇନାନ୍ସ କରି ସତିଶଙ୍କୁ ଦେଇଥିଲେ। କିନ୍ତୁ ପଇସା ଶୁଝିବା ସମୟରେ ସତିଶ ପଇସା ଜମା କରି ନ ଥିଲେ। ଫଳରେ ଋଣ ଦେଇଥିବା ସଂସ୍ଥା ମହିଳାମାନଙ୍କ ଘରକୁ ଯାଇ ପଇସା ମାଗୁଥିଲେ। ଏହି ଘଟଣାରେ କେସିଙ୍ଗା ପୋଲିସ ନିକଟରେ ମହିଳାମାନେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି କେସିଙ୍ଗା ପୋଲିସ ସତୀଶଙ୍କୁ ଥାନାକୁ ଆଣିଥିଲା। ପଚରାଉଚୁରା କରି ସେ ଏଥିରେ ସମ୍ପୃକ୍ତ ଥିବା ପ୍ରମାଣ ମିଳିବା ପରେ ଗିରଫ କରି କୋର୍ଟ ଚାଲାଣ କରିଛି।

### ଜିଲା ପ୍ରଶାସନ ପକ୍ଷରୁ ସରପଞ୍ଚଙ୍କୁ ଅଯୋଗ୍ୟ ଘୋଷଣା

ଖଡ଼ିଆଲ,୧୯।୩(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ସୁନାରାସିକୁଆଁ ସରପଞ୍ଚ କମ ବୟସରେ ନିର୍ବାଚନରେ ବିଜୟୀ ହୋଇ ସରପଞ୍ଚ



ହୋଇଥିବାରୁ ଜିଲା ପ୍ରଶାସନ ଅଯୋଗ୍ୟ ଘୋଷଣା କରିଛି। ନିର୍ବାଚନ ସମୟରେ ସରପଞ୍ଚ ହୋଇଥିବା ଭୋଲେଶରୀ ଦାଶଙ୍କ ପ୍ରାର୍ଥୀ ହେବାର ବୟସ ହୋଇ ନ ଥିବା ଅଭିଯୋଗ ହୋଇଆସିଥିଲା। ଗ୍ରାମର ଜଗମୋହନ ବୈଠାରୁ ସରପଞ୍ଚ ନିର୍ବାଚନରେ ଭୋଲେଶ୍ୱରୀ ଦାଶଙ୍କଠାରୁ ପରାଜିତ ହୋଇଥିଲେ। ପରେ ଜିଲା ନିର୍ବାଚନ ଅଧିକାରୀଙ୍କଠାରେ ଅଭିଯୋଗ କରିଥିଲେ। ବୈଠାରୁଙ୍କ ଅଭିଯୋଗକୁ ଭିତ୍ତିକରି ସାକ୍ଷୀ ଓ କାଗଜାତଗୁଡିକର ପ୍ରମାଣ ଆଧାରରେ ନୂଆପଡା ଜିଲାପାଳ ସୁନାରିସୀକୁଆ ସରପଞ୍ଚ ଭୋଲେଶ୍ୱରୀ ଦାଶଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ସରପଞ୍ଚ ପ୍ରାର୍ଥୀ ହେବା ବୟସ ୨୧ ବର୍ଷ ହୋଇଥିବା ବେଳେ ଭୋଲେଶରୀ ଦାଶଙ୍କୁ ଆସନ୍ତା ୨୦୨୪ରେ ୨୧ବର୍ଷ ହେବ ବୋଲି ପ୍ରମାଣ ରହିଛି। ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ୧୯୬୪ ଧାରା ୧୧,୨୫ ଏବଂ ୨୬ ଅନୁଯାଇ ତାଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି।

### ଅସହାୟ ମହିଳାଙ୍କୁ ସହାୟତା ନେଇ କର୍ମଶାଳା

ଟିଟିଲାଗଡ଼,୧୯।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ମହୁଲପଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ସ୍ୱେଚ୍ଛାସେବୀ ସଂଗଠନ ଏକ୍ସନଏଡ଼ ପକ୍ଷରୁ ଏକାକୀ ମହିଳାଙ୍କ ସହାୟତା ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଜିଲା ଗୋଷ୍ଠୀ ସଞ୍ଚାଳକ ମୁରଲୀ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମଶାଳାରେ ସମାଜରେ ଏକାକୀ ରହୁଥିବା ମହିଳା, ସ୍ୱାମୀ ପରିତ୍ୟକ୍ତା, ବିଧବା, ବୃଦ୍ଧା, ଅବିବାହିତା ବୟସ୍କ ମହିଳାମାନଙ୍କ ସୁରକ୍ଷା, ସାମାଜିକ ସୁରକ୍ଷା, ଖାଦ୍ୟ ସୁରକ୍ଷା, ଏମ୍‌ଜିଏନ୍‌ଆରଇଜିଏସ ଯୋଜନାରେ କର୍ମନିଯୁକ୍ତି, ଭତ୍ତା, ପକ୍କାଘର ଯୋଜନାରେ ସାମିଲ ନିଶ୍ଚିତ କରିବା ଉପରେ ଆଲୋଚନା ହୋଇଥିଲା। ଏଥିସହ ସମାଜରେ ସମ୍ମାନର ସହ ଜୀବନ ଯାପନ କରିବା ନେଇ ଆଲୋଚନା ହୋଇଥିଲା। ଅନେକ ବୃଦ୍ଧାଙ୍କର ଭତ୍ତା ସେମାନଙ୍କ ବ୍ୟାଙ୍କ ପାସ୍‌ବୁକରେ ଜମା ହେଉଛି। ହେଲେ ବହୁ ବୃଦ୍ଧାଙ୍କ ଟିପ ଚିହ୍ନ ମେଳ ଖାଉ ନଥିବାରୁ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିଲେ। ପୂର୍ବ ଭଳି ସେମାନଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ଜରିଆରେ ନଗଦ ଆକାରରେ ଭତ୍ତା ପ୍ରଦାନ ଦାବି କରିଥିଲେ। କର୍ମଶାଳାରେ ଶ୍ରମିକମାନଙ୍କୁ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଜବ କାର୍ଡ ତଥା ବିଭିନ୍ନ ସାମାଜିକ ସୁରକ୍ଷା ନେଇ ଆବେଦନ ଫର୍ମ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ଉର୍ବଶୀ ଘିଭେଲା, ଗ୍ରାମ ରୋଜଗାର ସେବକ ବୁଲୁ ପ୍ରଧାନ, ଗ୍ରାମ ସାଥୀ ଜଗବନ୍ଧୁ ଠାକୁର, ରୋହିତ ବାଗ, ନୀଳାମ୍ବର ବେହେରା, ପରମାନନ୍ଦ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଅଜୟ କୁମାର ଏବଂ ହରି ମହାନନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କେବିକେ ଅଞ୍ଚଳକୁ କେନ୍ଦ୍ରୀୟ ସହାୟତା କମିଛି

ବଲାଙ୍ଗୀର ଅଫିସ,୧୯।୩

**ପିଏମ୍ କୃଷି ସିଚାଇ ଯୋଜନା**

ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା(ପିଏମକେଏସୱାଇ)ର ଏକ ଉପାଦାନ ହେଉଛି ଏଆଇବିପି (ତ୍ୱରିତ ସିଞ୍ଚାଇ ଲାଭ କାର୍ଯ୍ୟକ୍ରମ)। ଏହି କାର୍ଯ୍ୟକ୍ରମକୁ ବନ୍ଦ କରାଯାଇନାହିଁ। କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି କ୍ରମେ ଏଆଇବିପି ୨୦୨୧ରୁ ୨୦୨୬ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ନୀତି ଆୟୋଗ ପକ୍ଷରୁ ସୂଚନା ଅଧିକାର ଆଇନ ଜରିଆରେ ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ତଥ୍ୟ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀ ସଂସଦମାର୍ଗ ସ୍ଥିତ ନୀତି ଆୟୋଗ କାର୍ଯ୍ୟାଳୟର ଓଡିଶା ଜନସୂଚନା ଅଧିକାରୀ ରାଜେନ୍ଦ୍ର ସିଂ ଏହି ସୂଚନା ପ୍ରଦାନ କରିଛନ୍ତି। ଓଡିଶାର କେବିକେ ଅଞ୍ଚଳକୁ ବର୍ତ୍ତମାନ କେନ୍ଦ୍ର ରାଜ୍ୟ ସହାୟତା ହାର ୬୦:୪୦ ରହିଛି ବୋଲି ତଥ୍ୟରେ କୁହାଯାଇଛି। ପ୍ରେସ୍ ବିଜ୍ଞପ୍ତିରେ ପଣ୍ଡା କହିଛନ୍ତି ଯେ, ପୂର୍ବରୁ କେବିକେ ଅଞ୍ଚଳ ପାଇଁ ଏଆଇବିପିରେ କେନ୍ଦ୍ର ରାଜ୍ୟ ସହାୟତା ହାର ଯଥାକ୍ରମେ ୯୦:୧୦ ଥିଲା। ଦେଶର ସ୍ୱତନ୍ତ୍ର ପାହ୍ୟା ରାଜ୍ୟମାନଙ୍କ ସହିତ ଓଡିଶାର କେବିକେ ଅଞ୍ଚଳକୁ ଏଆଇବିପିରେ କେନ୍ଦ୍ର ରାଜ୍ୟ ସହାୟତା ହାର ୯୦:୧୦ ଥିଲା। ଏବର ବ୍ୟବସ୍ଥାରେ କେବିକେ ଅଞ୍ଚଳରେ ଜଳସେଚନର ବିକାଶ କେବଳ ପ୍ରଭାବିତ ହେବ ଏହା ନୁହେଁ ବରଂ ଏକ ପଛୁଆ ଅଞ୍ଚଳ ଭାବେ କେନ୍ଦ୍ର ସରକାରଙ୍କ ଯେଉଁ କେବିକେ ମାନ୍ୟତା ଥିଲା ତାହା ମଧ ଶେଷ ହେବ ବୋଲି ପଣ୍ଡା କହିଛନ୍ତି। ସାଧାରଣ ପାହ୍ୟା ରାଜ୍ୟଗୁଡିକ ପାଇଁ ଏହି ଅନୁଦାନ ହାର ଭିନ୍ନ ଥିଲା। ବର୍ତ୍ତମାନ ସାଧାରଣ ପାହ୍ୟା ରାଜ୍ୟମାନଙ୍କ ପାଇଁ କେନ୍ଦ୍ର ରାଜ୍ୟ ସହାୟତା ହାର ଯଥାକ୍ରମେ ୨୫:୭୫ ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, କୃଷି ଓ କୃଷକର ବିକାଶ ପାଇଁ ଜଳସେଚନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ତତ୍କାଳୀନ ଭାରତ ସରକାର ୧୯୯୫-୯୬ ମସିହାରେ ଏଆଇବିପି ଯୋଜନା ଆରମ୍ଭ କରିଥିଲେ। ଜଳସେଚନ ରାଜ୍ୟର ବିଷୟବସ୍ତୁ ହୋଇଥିଲେ ମଧ ରାଜ୍ୟମାନଙ୍କର ନିର୍ମାଣାଧୀନ ଓ ପ୍ରସ୍ତାବିତ ଜଳସେଚନ ପ୍ରକଳ୍ପଗୁଡ଼ିକୁ କେନ୍ଦ୍ର ସରକାର ଏହି ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଆଗେଇ ଆସିଥିଲେ। ସ୍ୱତନ୍ତ୍ର ପାହ୍ୟା ରାଜ୍ୟମାନଙ୍କୁ ଓ ଓଡିଶାର ଅବିଭକ୍ତ କେବିକେ ଅଞ୍ଚଳର ଜିଲାମାନଙ୍କୁ ତଥା ବର୍ତ୍ତମାନର ୮ଟି ଜିଲାକୁ ସାଧାରଣ ପାହ୍ୟା ରାଜ୍ୟ ଅପେକ୍ଷା ଅଧିକ କେନ୍ଦ୍ରୀୟ ଆର୍ଥିକ ସହାୟତାର ବ୍ୟବସ୍ଥା ଥିଲା। ନୂଆପଡା ଜିଲାର ଲୋୟର ଇନ୍ଦ୍ର ଏହି ଯୋଜନାରେ ଅଧିକ ମାତ୍ରାରେ କେନ୍ଦ୍ରୀୟ ଅନୁଦାନ ପାଇଛି। ଏଆଇବିପି ଯୋଜନା ସଂଶୋଧିତ ହେବା ଫଳରେ ୨୦୨୧ ମାର୍ଚ୍ଚ ମାସରୁ କେବିକେ ଅଞ୍ଚଳର ଅନେକ ନିର୍ମାଣାଧୀନ ଓ ପ୍ରସ୍ତାବିତ ଜଳସେଚନ ପ୍ରକଳ୍ପଗୁଡିକ ପୂର୍ବାପେକ୍ଷା କମ୍ ଆର୍ଥିକ ସହାୟତା ପାଉଛନ୍ତି ଓ ଆଗକୁ ମଧ ଏହି ଧାରା ଜାରି ରହିବ ବୋଲି ପଣ୍ଡା କହିଛନ୍ତି। ରାଜ୍ୟର ସମସ୍ତ ରାଜନୈତିକ ଦଳ ଓ ନେତୃବୃନ୍ଦ ଏହାକୁ ନେଇ ନିରବ ରହିବା, ସମଗ୍ର ଓଡିଶା ଓ ବିଶେଷ କରି କେବିକେ ଅଞ୍ଚଳର ଚାଷ ଓ ଚାଷୀଙ୍କ ସମସ୍ୟା ପ୍ରତି ଉଦାସୀନତା ମନୋଭାବ ବୋଲି ପଣ୍ଡା କହିଛନ୍ତି।

# ପ୍ରଧାନମନ୍ତ୍ରୀ ଜନକଲ୍ୟାଣ ଯୋଜନା ବିଷୟରେ ବୁଝାଇଲେ



ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ତୁର୍ଲା ଗାଁରେ ଲୋକଙ୍କ ସମସ୍ୟା ଶୁଣୁଛନ୍ତି।

ଲାଠୋର/ଖପ୍ରାଖୋଲ, ୧୯।୩(ଡି.ଏନ.ଏ.)

**ଖପ୍ରାଖୋଲ ବ୍ଲକ ବୁଲିଲେ ବଲାଙ୍ଗୀର ଏମ୍‌ପି**

ଦଳକୁ ତୃଣମୂଳସ୍ତରରେ ସୁଦୃଢ କରିବା ପାଇଁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସଂଦେଓ ଶନି ଓ ରବିବାର ଦ୍ୱିଦିନ ଧରି ଖପ୍ରାଖୋଲ ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରିଥିଲେ। ଘୁନସର, ଝାଙ୍କ୍ରିପାଲି, ଫୁଲକିମୁଣ୍ଡା, ଲାଠୋର ମାଲପଡ଼ା, ବେଦେର, ଭରୁଆମୁଣ୍ଡା, ପିପଲବାହାଲ, ମସିଣା, ଟଙ୍କପାଣି, ସାହାଜପାଣି, ଜଲପାଙ୍କେଲ, ଭାନପୁର, ନାନ୍ଦୁପଲା, ମହରାପଦର, ତେଲେନପାଲି, ରେଙ୍ଗାଲି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିଦର୍ଶନ କରବା ଅବସରରେ ସେ ଲୋକଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ କଲ୍ୟାଣ ଯୋଜନା ବିଷୟରେ ଲୋକଙ୍କୁ ବୁଝାଇଥିଲେ। ଏହି ଗସ୍ତ ସମୟରେ ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଏମ୍‌ପି ନୋମିନି ପ୍ରବୀଣ ଅଗ୍ରୱାଲ, ମଣ୍ଡଳ ସଭାପତି ଶଶି ପୂଝାରୀ, ବିପ୍ର ବିଶି, ଶିବା ସୁନା, ବରିଷ୍ଠ କର୍ମୀ ଦଶରଥ ପାଣିଗ୍ରାହୀ, ସନ୍ତୋଷ ଭଇଁଷାଲ, ରୋହିତ ମେହେର,ସତ୍ୟାନନ୍ଦ ସେଦ୍ରିଆ ଏବଂ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ପରେ ଲାଠୋର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ଘାଶିରାମ ଅଗ୍ରୱାଲ ଏବଂ ଜଗନ୍ନାଥ ପ୍ରସାଦ ଅଗ୍ରୱାଲ ଯୋଗଦେଇଥିଲେ।

# ଅତିରିକ୍ତ ଜିଲାପାଳଙ୍କ ସହ ଭାଜପାର ଆଲୋଚନା



ଅତିରିକ୍ତ ଜିଲାପାଳଙ୍କ ସହ ଭାଜପା ଅନୁସନ୍ଧାନକାରୀ ଦଳ ଆଲୋଚନା କରୁଛନ୍ତି।

ନୂଆପଡ଼ା ଅଫିସ,୧୯।୩

**ଯୁବକଙ୍କ ଆତ୍ମାହୁତି ଉଦ୍ୟମ ଘଟଣା**

ନୂଆପଡା ସଦର ତହସିଲ କାର୍ଯ୍ୟାଳୟରେ ଜୋଙ୍କ ଥାନା କଲ୍ୟାଣପୁର ଗ୍ରାମର ଜଗଦୀଶ ଚୌହାନ (୩୬)ଆତ୍ମାହୁତି ଘଟଣାକୁ ନେଇ ଚର୍ଚ୍ଚା ଥମିବାର ନାଁ ନେଉନାହିଁ। କେତେବେଳେ ଜଗଦୀଶଙ୍କ ପରିବାରକୁ ଅନୁକମ୍ପା ସହାୟତାକୁ ନେଇ ଅବା କେତେବେଳେ ଘଟଣା ପଛର ପ୍ରଚ୍ଛଦପଟ ମୁଖ୍ୟଙ୍କୁ ଦଣ୍ଡ ବିଧାନ ନେଇ ବୟାନ ବାକି ଜାରି ରହିଛି। ରବିବାର ଜଗଦୀଶଙ୍କ କଲ୍ୟାଣପୁର ଗ୍ରାମସ୍ଥିତ ଘରକୁ ଭାଜପା ରାଜ୍ୟସ୍ତରୀୟ ସତ୍ୟ ଅନୁସନ୍ଧାନକାରୀ ଦଳ ଆସି ତଦନ୍ତ କରି ଫେରି ଯାଇଛନ୍ତି। ଭାରତୀୟ ଜନତା ପାର୍ଟି ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବିଭୁ ତରାଇଙ୍କ ନେତୃତ୍ୱରେ ଦଳରେ ଏସସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଚନ୍ଦନ ସ୍ୱରାଜ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ଯଦୁମଣି ପାଣିଗ୍ରାହୀ, କେନ୍ଦ୍ରୀୟ ଏସସି ମୋର୍ଚ୍ଚା ସଦସ୍ୟ ମନିଜର ଆର୍ଯ୍ୟ, ମୁରଲି ସୁନା, ଜିଲା ଯୁବ ମୋର୍ଚ୍ଚା ସଭାପତି ଅଭିନନ୍ଦନ ପଣ୍ଡା, ଜିଲା ଯୁବ ମୋର୍ଚ୍ଚା ସମ୍ପାଦକ ସଦାନନ୍ଦ ଯୋଶୀ ପ୍ରମୁଖ ସାମିଲ ଥିଲେ। ସେଠାରେ ମୃତକଙ୍କ ମା' ବାସନି ବାଇ, ସ୍ତ୍ରୀ ପ୍ରିତି, ବଡ ଭାଇ ପ୍ରେମ ଶଙ୍କରଙ୍କ ସହ ଅନେକ ବିଷୟରେ ଆଲୋଚନା କରିଥିଲେ। ମୃତକଙ୍କ ମା' ଭାଜପା ପ୍ରତିନିଧି ଦଳ ସହ ଟିଖିନିଖି ଭାବେ ସବୁ କଥା ବଖାଣିଥିଲେ। ସେ ତାଙ୍କ ଭାଗରୁ ୧୬ ଡେସିମିଲ ଜମି ବିକ୍ରି କରି ଲୁନା ଗାଡି କିଣି ଶୁଝିବା ସହ ଅନ୍ୟାନ୍ୟ ଧାରକରଜ ଶୁଝିବା ପାଇଁ ଚାହିଁଥିଲେ। ମୃତକଙ୍କ ସହ ତାଙ୍କ ମା' ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରିବା ସହ ଅନେକ ସମୟରେ ଦୁର୍ବ୍ୟହାର ସମ୍ମୁଖିନ ହୋଇଥିବା ଜଣାପଡ଼ିଛି। ସେଠାରୁ ଭାଜପା ପ୍ରତିନିଧି ଦଳ ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ଅବଗତ କରି ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜିଲା ପ୍ରଶାସନ ମୃତକ ପରିବାରକୁ ଦେଇଥିବା ପ୍ରତିଶ୍ରୁତି ଅତିଶୀଘ୍ର ପୁରଣ ହେବ ବୋଲି ଅତିରିକ୍ତ ଜିଲାପାଳ ପ୍ରଧାନ କହିଥିଲେ। ବର୍ତ୍ତମାନ ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ଶୀଘ୍ର ପୁରଣ କରୁ ବୋଲି ଅନୁସୂଚିତ ଜାତି ମୋର୍ଚ୍ଚ ସଭାପତି ତରାଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇଥିଲେ।

# ପ୍ରତିଶ୍ରୁତି ପରେ ଅନଶନରୁ ଓହରିଲେ ଫରେଷ୍ଟ ଗାର୍ଡ

ଖଡ଼ିଆଲ,୧୯।୩(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଲ ବନଖଣ୍ଡରେ କାର୍ଯ୍ୟ କରୁଥିବା ଫରେଷ୍ଟ ଗାର୍ଡ ରାଜେଶ ହରିଜନଙ୍କ ଅମରଣ ଅନଶନ ରବିବାର ୪ର୍ଥଦିନରେ ପହଞ୍ଚିଛି। ନିୟମ ବାହାରେ କାର୍ଯ୍ୟ କରିଛନ୍ତି ବନପାଳ, ଏହାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରି ଆମରଣ ଅନଶନରେ ବସିଛନ୍ତି। ରବିବାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦ୍ରମଣି ବେହେରା ଆସି ପ୍ରତିଶ୍ରୁତି ଦେବା ପରେ ଅନଶନରୁ ହରିଜନ ଓହରିଲେ। ତାଙ୍କ ସହ ଖଡ଼ିଆଳ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି, ନବଘନ ଗୌଡ଼, ଦେବେନ୍ଦ୍ର ବିନ୍ଧାଣି ପ୍ରମୁଖ ଉପସ୍ଥିତ ଥିଲେ। ଖଡ଼ିଆଳ ବନଖଣ୍ଡରେ କାର୍ଯ୍ୟ କରୁଥିବା ରାଜେଶ ବନପାଳ ଖଗେଶ୍ୱର ମାଝିଙ୍କ ନାମରେ ସରକାରଙ୍କୁ ଠକି ଦରମା ନେଇଥିବା ଅଭିଯୋଗ କରି ଦରମା ଟଙ୍କା ଅସୁଲ ସହ ତାଙ୍କ ନାମରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସୂଚନା ଅଧିକାର ଆଇନରୁ ଜାଣିବାକୁ ପାଇଥିଲେ ମାଝି ୨୦୦୪ରେ ପଲ୍ଲୀ ପ୍ରଗତି କଲେଜ ଦୋହେଲ ପଡାରେ ଯୁକ୍ତ ଦୁଇ ପଢି ପାଶ କରିଥିଲେ। କିନ୍ତୁ ଏଥିପାଇଁ ସେ ଛୁଟି ନେଇ ନ ଥିଲେ। ଜଣେ ସରକାରୀ ଚାକିରିଆ ବିଭାଗୀୟ ଅନୁମତି ନେଇ ପାଠ ପଢିବ ଓ ନିୟମିତ ହିସାବରେ ପଢିଲେ ଦରମା ପାଇବ ନାହିଁ। ଏଥିରେ କିନ୍ତୁ ନିୟମର ଉଲ୍ଲଂଘନ କରାଯାଇଛି ଓ ସେ ନିୟମ ବାହାରେ ଦରମା ପାଇଛନ୍ତି ବୋଲି ହରିଜନ ନୂଆପଡା ଜିଲାପାଳଙ୍କ ସମେତ ଜଙ୍ଗଲ ବିଭାଗର ବରିଷ୍ଠ ଅଧିକାରୀ ମାନଙ୍କୁ ଜଣାଇଥିଲେ। କିନ୍ତୁ କୌଣସି ଅଧିକାରୀ ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଲେନାହିଁ। ତେଣୁ ସେ ଆମରଣ ଅନଶନରେ ବସିଥିଲେ। ପ୍ରଶାସନ ପକ୍ଷରୁ ପୋଲିସ ସୁରକ୍ଷା ଯୋଗାଇ ଦେବା ସହିତ ତାଙ୍କର ଶାରୀରିକ ପରୀକ୍ଷା ପାଇଁ ଡାକ୍ତର ଦେଇଥିବା ଜଣାଯାଇଛି।

# ଖାଉଟି ଅଦାଲତ ନୂତନ କୋଠା ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆପଡ଼ା ଅଫିସ,୧୯।୩

ହାଇକୋର୍ଟ ବିଚାରପତି ଡା ଦୁର୍ଗା ପ୍ରସାଦ ଚୌଧୁରୀ ନୂଆପଡା ଜିଲା ଦିନିକିଆ ଗସ୍ତରେ ଆସି ରବିବାର ଜିଲା ଖାଉଟି ବିବାଦ ସମାଧାନ ଆୟୋଗର ନୂତନ କୋଠା ଉଦଘାଟନ କରିଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ପୂର୍ବତନ ବିଚାରପତି ଓଡିଶା ଉଚ୍ଚ ନ୍ୟାୟାଳୟ ତଥା ବର୍ତ୍ତମାନ ରାଜ୍ୟ ଖାଉଟି ଆୟୋଗ ଓଡିଶା କଟକ ସଭାପତି ଡା ଦୁର୍ଗା ପ୍ରସାଦ ଚୌଧୁରୀଙ୍କ ସମେତ କଳାହାଣ୍ଡି ଖାଉଟି ଆୟୋଗ ସଭାପତି ଅଶ୍ୱନୀ ପାତ୍ର, ନୂଆପଡା ଖାଉଟି ଆୟୋଗ ସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ର, ନୂଆପଡା ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ସମ୍ପାଦକ ପୁରୁଷୋତ୍ତମ ସୋନି, ଉପସଭାପତି ପ୍ରକାଶ ସ୍ୱାଇଁ, ସଭ୍ୟ ସୁଧାକର ସେନାପତି, ପୂର୍ବତନ ସମ୍ପାଦକ ଅଶ୍ୱନୀ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାପତି ଚୌଧୁରୀ ଖାଉଟି ଅଦାଲତ ନୂତନ କୋଠା ଉଦଘାଟନ କରିବା ସହ ଦୀର୍ଘ ଦିନ ଧରି ପଡି ରହିଥିବା କୋଠା ଲୋକାର୍ପିତ କରି ପୂର୍ବତନ ଓ ନୂତନ ଓକିଲଙ୍କ ସହ ପରିଚୟ ହୋଇଥିଲେ। ନୂଆପଡା ଜିଲାରେ ଓକିଲ ସଂଘ ମଜଭୁତ ଅଛି, ନ୍ୟାୟ ଧାରରେ କାମ କରିବା ପାଇଁ ଉପଯୁକ୍ତ ଅଛନ୍ତି। ଖାଉଟି ଅଦାଲତରେ ଉପଭୋକ୍ତାମାନେ ସମୁଚିତ ନ୍ୟାୟ ପାଇ ପାରିବେ ସେହିପରି କାମ କରନ୍ତୁ ବୋଲି ଓକିଲମାନଙ୍କୁ କହିଥିଲେ। ପୂର୍ବତନ ଖାଉଟି ଅଦାଲତ ସଭାପତି ଅଶୋକ କୁମାର ପଣ୍ଡା, ପୂର୍ବତନ ସଭ୍ୟା ତପସ୍ୱନୀ ପଣ୍ଡା, ଚମକି ବୋଷ, ଶ୍ୱେତରାମ ଦେବାଙ୍ଗନ, ତ୍ରିଲୋକଚନ ସୋନି, କ୍ଷିତିଶ ଅଶୋକ ବୋଧନକର ପ୍ରମୁଖ ଉପସ୍ଥିତ ଥିଲେ।

## ସାମ୍ବାଦିକ ନୂତନ ସଂଘ ଗଠନ, କର୍ମକର୍ତ୍ତା ଚୟନ

ତୁଣ୍ଡଲା/କେସିଙ୍ଗା,୧୯।୩(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ସହରରେ କେସିଙ୍ଗା ସାମ୍ବାଦିକ ନୂତନ ସଂଘ ଗଠନ ଓ କର୍ମକର୍ତ୍ତା ଚୟନ ରବିବାର ସ୍ଥାନୀୟ ସରକାରୀ ସୂଚନା ଓ ପାଠାଗାରଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ରାଜେନ୍ଦ୍ର କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ନୂତନ ସଂଘରେ ସର୍ବସମ୍ମତିକ୍ରମେ ବରିଷ୍ଠ ଧରିତ୍ରୀ ସାମ୍ବାଦିକ ତୁମେଶ୍ୱର ସାହୁଙ୍କୁ ସଭାପତି ଭାବେ ଚୟନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ନୃପରାଜ ସାହୁ, ସାଧାରଣ ସମ୍ପାଦକ ଭାବେ କ୍ଷିତିଶ ଚନ୍ଦ୍ର ସତପଥୀ, ସାଙ୍ଗଠାନିକ ସମ୍ପାଦକ ଭାବେ ଏଲ.କୋଟେଶ୍ୱର ନାଇଡୁ, ଯୁଗ୍ମ ସମ୍ପାଦକ ଭାବେ ସୁଜୟ ନନ୍ଦଲାଟି, ପ୍ରଫୁଲ୍ଲ ସାହୁ, ନରୋତ୍ତମ ପାୟସିଂ, କୋଷାଧକ୍ଷ ଭାବେ ଫିରୋଜ କୁମାର ଦାଶ ସର୍ବ ସମ୍ମତିକ୍ରମେ ୩ବର୍ଷ ପାଇଁ କର୍ମକର୍ତ୍ତା ଭାବେ ଚୟନ କରାଯାଇଛି। ନିର୍ବାଚନ ଅଧିକାରୀ ଭାବେ ଓଡିଶା ସାମ୍ବାଦିକ ସଂଘ କଳାହାଣ୍ଡି ଶାଖାର ସାଧାରଣ ସମ୍ପାଦକ ଲକ୍ଷ୍ମଣ ସ୍ୱାଇଁ ଯୋଗଦେଇ ନୂତନ ସଙ୍ଘଘ ଗଠନ ଓ କର୍ମକର୍ତ୍ତା ଚୟନ କରାଇଥିଲେ।

# 'ଦଳ ଉପରେ ପ୍ରଭାବ ପଡିବନାହିଁ'

ଲୋଇସିଂହା,୧୯।୩(ଡି.ଏନ.ଏ)

**ନବ କିଶୋର ନାଏକଙ୍କ ଦଳ ତ୍ୟାଗ ଘଟଣା**

**■ ଖବରଦାତା ସମ୍ମିଳନୀରେ ବର୍ଷିଲେ ଲୋଇସିଂହା ବ୍ଲକ କଂଗ୍ରେସ ସଭାପତି**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀର ୨୦୧୯ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ନବକିଶୋର ନାଏକ ବିଜେଡିରେ ମିଶିଛନ୍ତି। ଏହା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି କହିଛନ୍ତି ଲୋଇସିଂହା ବ୍ଲକ କଂଗ୍ରେସ ସଭାପତି ଅରବିନ୍ଦ ସାହୁ। ରବିବାର ସ୍ଥାନୀୟ ଷ୍ଟାଡିୟମଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସାହୁ କହିଛନ୍ତି, ୨୦୨୨ ମସିହାରେ ଦଳ ପକ୍ଷରୁ ନବ ସଦସ୍ୟତା ରିନ୍ୟୁଆଲ କରିନାହାନ୍ତି। ସେବେଠାରୁ ଦଳର ସଗଠନ ଦାୟିତ୍ୱ ନେବା ଦୂରେ ଥାଉ କୌଣସି କାର୍ଯ୍ୟକ୍ରମରେ ସାମିଲ ହେଉ ନ ଥିଲେ। ତେଣୁ ଦଳର ସେ ଜଣେ ପ୍ରାଥମିକ ସଦସ୍ୟଭାବେ ଧରାଯିବନାହିଁ। ଦଳରେ ବହୁ ଦକ୍ଷ ଏବଂ ସୁସଂଗଠକ ରହିଛନ୍ତି। ପ୍ରାର୍ଥୀ ହେବା ପାଇଁ ବହୁ ଯୋଗ୍ୟ ପ୍ରାର୍ଥୀ ଅଛନ୍ତି। ସେ ଆହୁରୀ କହିଥିଲେ, ଲୋଇସିଂହା ଏକ ଚର୍ଚ୍ଚିତ ଆସନ। ବିଭିନ୍ନ ରାଜନୈତିକ ଦଳ ପ୍ରାର୍ଥୀ ଆମଦାନୀ କରୁଛନ୍ତି। ବିଦେଶୀ ହଟାଉ ନାରା ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଜାତୀୟ ଦଳ କଂଗ୍ରେସ ଲୋଇସିଂହାରୁ ଜଣକୁ ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ବିଜୟୀ ହୋଇପାରି ନ ଥିଲେ ମଧ୍ୟ ପ୍ରଦର୍ଶନ ଭଲ ରହିଥିଲା। ୪୦ ହଜାରରୁ ଅଧିକ ଭୋଟ ପାଇଥିଲୁ। ଯାହା ପ୍ରାର୍ଥୀଙ୍କ ବ୍ୟକ୍ତିଗତ ଭୋଟ ନୁହେଁ, ତାହା ଦଳୀୟ ଭୋଟ ବୋଲି ସେ କହିଥିଲେ। ବିଧାୟକ ପ୍ରାର୍ଥୀ ହେବା ପୂର୍ବରୁ ପଞ୍ଚାୟତ ନିର୍ବାଚନରେ ଲୋଇସିଂହାର ସରପଞ୍ଚ ପ୍ରାର୍ଥୀ ହୋଇ ସେ ପରାଜିତ ହୋଇଥିଲେ। ୨୦୧୯ରେ କଂଗ୍ରେସ ପ୍ରାର୍ଥୀ ହେବା ପରେ ପରାଜିତ ହୋଇଥିଲେ। ଏାପରେ ୨୦୨୨ ପଞ୍ଚାୟତ ନିର୍ବାଚନରେ ସେ ସରପଞ୍ଚ ବିଜୟୀ ହୋଇ ପାରିଥିଲେ। ଦଳ ସଦାବେଳେ ତାଙ୍କୁ ଗୁରୁତ୍ୱ ଦେଉଥିଲା। ଜିଲା କିମ୍ବା ବ୍ଲକସ୍ତରରେ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମରେ ତାଙ୍କ ଗୋଟିଏ ସ୍ଥାନ ରହୁଥିଲା। ସଂଗଠନ ପ୍ରତି ଗୁରୁତ୍ୱ ଦେଇଥିଲେ ଦଳରେ ତାଙ୍କ ଭବିଷ୍ୟତ ରହିଥିଲା। ଯେଉଁ ଦଳକୁ ଯାଇଛନ୍ତି ସେଠି ସେ କୋଣଠେସା ହେବା ସାର ବୋଲି ବ୍ଲକ ସଭାପତି ସାହୁ କହିଛନ୍ତି। ଖବରଦାତା ସମ୍ମିଳନୀରେ ଶିବ କୁମାର ଅଗ୍ରୱାଲ, ଭାଗବତିଆ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ସଚେତନ ହେଲେ ଭୟ କମିବ

ବଲାଙ୍ଗୀର ଅଫିସ, ୧୯।୩

**ଋତୁସ୍ରାବ ଏବଂ ତତ୍‌ଜନିତ ସମସ୍ୟା ଶୀର୍ଷକ କର୍ମଶାଳାରେ ବିଶେଷଜ୍ଞଙ୍କ ମତ**

ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ ପୁରାତନ ଛାତ୍ରୀ ସଂଘ ବା ଆଲୁମ୍ନି ଆସୋସିଏଶନ ପକ୍ଷରୁ ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମ ମାଧ୍ୟମରେ ରବିବାର ସଚେତନତାମୂଳକ କର୍ମଶାଳା କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା। ଋତୁସ୍ରାବ ଏବଂ ତତ୍‌ଜନିତ ସମସ୍ୟା ବିଷୟରେ ଆୟୋଜିତ ଏହି କର୍ମଶାଳାରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ସ୍ତ୍ରୀ ରୋଗ ଓ ପ୍ରସୂତୀ ବିଭାଗ ବିଶେଷଜ୍ଞ ଡା ପୁଷ୍ପାଞ୍ଜଳି ମିଶ୍ର ବିଶେଷଜ୍ଞ ବକ୍ତାଭାବେ ଯୋଗ ଦେଇଥିଲେ। ଋତୁସ୍ରାବ ଏକ ରୋଗ କି ସମସ୍ୟା ନୁହେଁ। ଏହା ମହିଳାମାନଙ୍କ ଏକ ଶାରୀରିକ ଲକ୍ଷଣ ଯାହା ଜୀବବିଜ୍ଞାନ ଆଧାରିତ ବୋଲି କହିଥିଲେ। ସାଧାରଣତଃ କୌଣସି ବାଳିକା ୧୨ବର୍ଷ ବୟସରେ ପହଞ୍ଚିଲେ ଋତୁସ୍ରାବ ଆରମ୍ଭ ହୋଇଥାଏ ଏବଂ ଏହା ୪୬ ବର୍ଷ ବୟସ ପର୍ଯ୍ୟନ୍ତ ଜାରି ରହେ। ଏହା ମହିଳାଙ୍କ ସାଧାରଣ ଲକ୍ଷଣ। ଏହାବାଦ୍ କିଛି ବାଳିକା ୮ ବର୍ଷ ବୟସରେ ପହଞ୍ଚିଲା ପରେ ସେମାନଙ୍କ ଠାରେ ଋତୁସ୍ରାବ ଆରମ୍ଭ ହୋଇଯାଇଥାଏ। ଏହା ଏକ ଅସ୍ୱାଭାବିକ ଲକ୍ଷଣ। ଏଭଳି ପରିସ୍ଥିତିରେ ବାଳିକାମାନେ ସାଧାରଣତଃ



ବଲାଙ୍ଗୀର ମହିଳା ମହାବିଦ୍ୟାଳୟରେ ଆଲୁମ୍ନି ଆସୋସିଏଶନ୍ ପକ୍ଷରୁ ଅନୁଷ୍ଠିତ କର୍ମଶାଳାରେ ମଞ୍ଚାସୀନ ଅତିଥି ବକ୍ତା।

ସେମାନଙ୍କ ଋତୁସ୍ରାବ ସମସ୍ୟାକୁ ନେଇ ଘର ଲୋକଙ୍କୁ କହିପାରି ନ ଥାନ୍ତି। ଲଜ୍ଜା, ଘରର ମାବାପା ବା ପରିବାର ସଦସ୍ୟଙ୍କୁ ସେମାନଙ୍କ ବିଷୟରେ ଜଣାଇ ପାରି ନ ଥାନ୍ତି। ଏଭଳିକି ଡାକ୍ତରଖାନା ଯାଇ ମଧ ସେମାନଙ୍କ ସମସ୍ୟା ବିଷୟରେ ଡାକ୍ତରଙ୍କୁ କହି ପାରି ନ ଥାନ୍ତି। ଏପରିସ୍ଥଳେ ଅନେକ ବାଳିକା ବା ଯୁବତୀ କିଛି ଶାରୀରିକ ଏବଂ ମାନସିକ ସମସ୍ୟା ଦେଇ ଗତି କରିଥାନ୍ତି। ଏଭଳି ପରିସ୍ଥିତିରେ ବାଳିକା ବା ଯୁବତୀମାନେ କିଭଳି ଭାବେ ସେମାନଙ୍କ ସମସ୍ୟା ସମ୍ପର୍କରେ ଘରଲୋକ, ସହପାଠୀ, ଡାକ୍ତରଙ୍କୁ ଜଣାଇବେ, କ'ଣ ସବୁ ପ୍ରତିଶେଧକ ଏବଂ ଚିକିତ୍ସା ଗ୍ରହଣ କରିବେ ତାହା ଡାକ୍ତର ମିଶ୍ର କହିଥିଲେ। ଯୁକ୍ତି ୩ ଓ ଯୁକ୍ତ ୨ଶ୍ରେଣୀର ହଷ୍ଟେଲ ଛାତ୍ରୀମାନେ ଶତାଧିକ ସଂଖ୍ୟାରେ ଯୋଗଦେଇ ବିଶେଷଜ୍ଞ ବକ୍ତା ଡାକ୍ତର ମିଶ୍ରଙ୍କୁ ଋତୁସ୍ରାବ ଏବଂ ତତ୍‌ଜନିତ ସମସ୍ୟା ଉପରେ ପ୍ରଶ୍ନ କରିଥିଲେ। ଋତୁସ୍ରାବକୁ ନେଇ କୌଣସି ଭୟ ବା ଲଜ୍ଜା ମନ ଭିତରେ ନରଖି ଏନେଇ ଅଧିକ ଜ୍ଞାନ ଆହାରଣ କରିବା, ଅନ୍ୟ ବାଳିକାଙ୍କୁ ସଚେତନ କରିବାକୁ ଡା ମିଶ୍ର ପରାମର୍ଶ ଦେଇଥିଲେ। ଆଜିର କର୍ମଶାଳାରେ ମୋ କଲେଜ ଅଭିଯାନର ଡ. ସଦାଶିବ ମଲ୍ଲିକ, ସରକାରୀ ମହିଳା ମହାବିଦ୍ୟାଳୟ ଆଲୁମ୍ନି ଆସୋସିଏଶନ୍ ସମ୍ପାଦିକା ତଥା ଟିଟିଲାଗଡ ଡିଏଭି ସ୍ୱୟଂଶାସିତ କଲେଜ ଅଧ୍ୟାପିକା ବନ୍ଦନା କର, ଉପସଭାପତି ରୁଚିମନ୍ତା ନାଏକ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଡ ମଲ୍ଲିକ ମୋ କଲେଜ ଅଭିଯାନର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପାଦିକା ଅଧ୍ୟାପିକା କର ଆଲୁମ୍ନି ଆସୋସିଏଶନ ଜରିଆରେ କଲେଜ ଛାତ୍ରୀଙ୍କ ଭିତରେ ଜ୍ଞାନ, ଗବେଷଣା ଏବଂ ନୂଆ ଜିଜ୍ଞାସା ସୃଷ୍ଟି କରିବା ସହ ସେମାନଙ୍କୁ କର୍ମଶାଳା ଜରିଆରେ ସମାଜମନସ୍କ ଏବଂ ସଶକ୍ତ କରିବା ଉଦ୍ଦେଶ୍ୟ ରହିଛି ବୋଲି କହିଥିଲେ। ପ୍ରଥମ ଥର କଲେଜରେ ଆଲୁମ୍ନି ଆସୋସିଶନ ଜରିଆରେ ଏଭଳି ଉଦ୍ୟମ ନିଆଯାଇଥିବାରୁ ସମସ୍ତଙ୍କୁ ସେ କୃତଜ୍ଞତା ଜଣାଇଥିଲେ। ଉପସଭାପତି ନାଏକ ମୋ କଲେଜ ଅଭିଯାନ ଜରିଆରେ ଆଲୁମ୍ନି ଆସୋସିଏଶନ୍ ଆଗକୁ ଏଭଳି ସଚେତନତାମୂଳକ କାର୍ଯ୍ୟକ୍ରମ ଜାରି ରଖିବ ବୋଲି କହିଥିଲେ। ଏହି କର୍ମଶାଳାରେ ଆସୋସିଏଶନ ସଦସ୍ୟ ତଥା ଏହି କଲେଜର ପୂର୍ବତନ ଅଧକ୍ଷା ଡ ସୁଷାମା ମଞ୍ଜରୀ ନାୟକ, ମମତା ସ୍ୱାଇଁ, କବିତା ପଟ୍ଟନାୟକ, କଲେଜ ଅଧ୍ୟାପିକା ସୁନନ୍ଦିନୀ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗହଣା ଦୋକାନରୁ ଲୁଟ୍

ବରପାଲି,୧୯।୩ (ଡି.ଏନ.ଏ.): ବରପାଲି ଥାନା ଛକ ନିକଟରେ ଥିବା ଏକ ଗହଣା ଦୋକାନରୁ ରବିବାର ସକାଳେ ପ୍ରାୟ ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଗହଣା ଲୁଟ୍ ହୋଇଛି। ଏ ନେଇ ବରପାଲି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ବରପାଲି ଥାନା ଛକ ପାଖରେ ଥିବା ଦୀପକ ଜୁଏଲେରୀ ଦୋକାନ ମାଲିକ ବରପାଲି ସୁନାରୀପଡ଼ାର ବଜରଙ୍ଗି ପୃଷ୍ଟି ରବିବାର ସକାଳ ସାଢେ ୮ଟା ସମୟରେ ଦୋକାନ ଖୋଲି ଗହଣା ଭର୍ତ୍ତି ବ୍ୟାଗ୍ ରଖିଥିଲେ। ସେ ଦୋକାନ ସଫା କରୁଥିବା ବେଳେ ଜଣେ ଦୁର୍ବୃତ୍ତ ଦୋକାନରୁ ଉକ୍ତ ବ୍ୟାଗ୍ ଧରି ବାହାରେ ବାଇକରେ ଅପେକ୍ଷା କରିଥିବା ସାଥୀଙ୍କ ସହ ଫେରାର ହୋଇଯାଇଥିଲେ।

### ଷୋହଳ ପ୍ରହର ନାମଯଜ୍ଞ ଉଦ୍ଯାପିତ

ଭେଡେନ,୧୯।୩ (ଡି.ଏନ.ଏ): ବରଗଡ ଜିଲା ଭେଡେନ ବ୍ଲକ ମାନପୁର ପଞ୍ଚାୟତର କମଗାଁରେ ଷୋହଳ ପ୍ରହର ନାମଯଜ୍ଞ ରବିବାର ଉଦ୍ଯାପିତ ହୋଇଯାଇଛି। ଏଥିରେ ଦବ୍କାପାଲି, ମହୁଲେ, ମାନପୁର, କାଣ୍ଡପାଲି, ଗର୍ଭଣା ଗ୍ରାମର ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ଲିଙ୍ଗମାର୍ଣ୍ଣି ଓ ସାଲଟ ସଂକୀର୍ତ୍ତନ ଦଳ ମଧ୍ୟରେ ବୈଠକ କୀର୍ତ୍ତନ ହୋଇଥିଲା। ଗ୍ରାମର ଗୌନ୍ତିଆ ଦେବେଶ ମିଶ୍ର ଓ ତାଙ୍କ ସ୍ତ୍ରୀ ଅର୍ଚ୍ଚନା ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ରାଜିନ୍ଦ୍ର ମହାଲିଙ୍ଗ, ରାଜକୁମାର ନାଏକ, ଲଳିତ ନାଏକ, ସତ୍ୟବ୍ରତ ପାଣ୍ଡେ, ବିଦ୍ୟାଧର ପାଣ୍ଡେ, ମନବୋଧ କଠାର, ଜିତୁ କଠାର, ଜିତୁ ବଢେଇ ଓ ଦୀପକ ବଢେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ।

### ଆମ୍ବେଦକର ସ୍ମୃତି କମିଟି ଗଠିତ

ବିନିକା, ୧୯।୩ (ଡି.ଏନ.ଏ.)
ସୁବର୍ଣ୍ଣପୁର ଜିଲା ବିନିକା ଏନଏସି କମ୍ୟୁନିଟି ସେଣ୍ଟରଠାରେ ବିନିକା ବ୍ଲକ ଓ ସହରାଞ୍ଚଳ ଦଳିତ ସମାଜ ତରଫରୁ ରବିବାର ଭୀମରାଓ ଆମ୍ବେଦକର ସ୍ମୃତି କମିଟି ଗଠିତ ହୋଇଯାଇଛି। ସଭାପତି ବିନୋଦ କୁମାର, କାର୍ଯ୍ୟକାରୀ ସଭାପତି ବଳବନ୍ତ ସୁନା, ସମ୍ପାଦକ ଅଶ୍ୱିନୀ ଦୀପ, ସହସମ୍ପାଦକ କେଦାର ତାଣ୍ଡି, କୋଷାଧ୍ୟକ୍ଷଭାବେ ଦେବେନ୍ଦ୍ର ଛତ୍ର ମନୋନୀତ ହୋଇଛନ୍ତି। ସଭ୍ୟଭାବେ ଗାଜିନ୍ଦ୍ର ମହାନନ୍ଦ, ରାହୁଲ ଜଗଦଲା, ଧର୍ମଜିତ ଭେସ୍ରା, ପ୍ରଶାନ୍ତ ଲୁହା, ଯୁବରାଜ ହରିପାଲ, ଦୁପେଶ କଲତା, ଗଦାଧର ସିଂ, ସାରଥୀ ହରିପାଲ, କୈଳାସ ଦୀପଙ୍କୁ ରଖାଯାଇଛି।

### ଉପଖଣ୍ଡ ସାମ୍ବାଦିକ ସଂଘର ପ୍ରସ୍ତୁତି ବୈଠକ

ପଦ୍ମପୁର,୧୯।୩ (ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ସାମ୍ବାଦିକ ସଂଘର ସାଧାରଣ ସଭା ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଖବରଦାତା ବଡ ଶତପଥି ଅଧ୍ୟକ୍ଷତା କରିଥିଲେ। ସଂଘର ସାଧାରଣ ସଭା ଆଗାମୀ ୯ତାରିଖରେ ନୃସିଂହନାଥଠାରେ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସାଧାରଣ ସଭାରେ ସଂଘର କର୍ମକର୍ତ୍ତା ଚୟନ ଓ ନୂତନ ସଦସ୍ୟତା ପାଇଁ ନିୟମ ପ୍ରଣୟନ ସମ୍ପର୍କରେ ଆଲୋଚନା କରାଯିବ। ବୈଠକରେ ଖବରଦାତା ଲାଲବିହାରୀ ମିଶ୍ର, ବିନାୟକ ଗୁରୁ, ରମେଶ ବାରିକ, ରତ୍ନମଣି ଶତପଥି, ଝସକେତନ ସାହୁ, ପ୍ରଦୀପ୍ତ ଦାଶ, ସୁଦାମ ପ୍ରଧାନ, ସୁରଥ ସାହୁ, ଗୋପବନ୍ଧୁ ଶିକା, ଅଭୟ ରଣା, କିରୋଟୀ ସାହୁ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କେବିକେ ଅଞ୍ଚଳକୁ କେନ୍ଦ୍ରୀୟ ସହାୟତା କମିଛି

ବଲାଙ୍ଗୀର ଅଫିସ,୧୯।୩

**ପିଏମ୍ କୃଷି ସିଚାଇ ଯୋଜନା**

ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା (ପିଏମକେଏସୱାଇ)ର ଏକ ଉପାଦାନ ହେଉଛି ଏଆଇବିପି (ତ୍ୱରିତ ସିଞ୍ଚାଇ ଲାଭ କାର୍ଯ୍ୟକ୍ରମ)। ଏହି କାର୍ଯ୍ୟକ୍ରମକୁ ବନ୍ଦ କରାଯାଇନାହିଁ। କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି କ୍ରମେ ଏଆଇବିପି ୨୦୨୧ରୁ ୨୦୨୬ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ନୀତି ଆୟୋଗ ପକ୍ଷରୁ ସୂଚନା ଅଧିକାର ଆଇନ ଜରିଆରେ ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ତଥ୍ୟ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀ ସଂସଦମାର୍ଗ ସ୍ଥିତ ନୀତି ଆୟୋଗ କାର୍ଯ୍ୟାଳୟର ଓଡିଶା ଜନସୂଚନା ଅଧିକାରୀ ରାଜେନ୍ଦ୍ର ସିଂ ଏହି ସୂଚନା ପ୍ରଦାନ କରିଛନ୍ତି। ଓଡିଶାର କେବିକେ ଅଞ୍ଚଳକୁ ବର୍ତ୍ତମାନ କେନ୍ଦ୍ର ରାଜ୍ୟ ସହାୟତା ହାର ୬୦:୪୦ ରହିଛି ବୋଲି ତଥ୍ୟରେ କୁହାଯାଇଛି। ପ୍ରେସ୍ ବିଜ୍ଞପ୍ତିରେ ପଣ୍ଡା କହିଛନ୍ତି ଯେ, ପୂର୍ବରୁ କେବିକେ ଅଞ୍ଚଳ ପାଇଁ ଏଆଇବିପିରେ କେନ୍ଦ୍ର ରାଜ୍ୟ ସହାୟତା ହାର ଯଥାକ୍ରମେ ୯୦:୧୦ ଥିଲା। ଦେଶର ସ୍ୱତନ୍ତ୍ର ପାହ୍ୟା ରାଜ୍ୟମାନଙ୍କ ସହିତ ଓଡିଶାର କେବିକେ ଅଞ୍ଚଳକୁ ଏଆଇବିପିରେ କେନ୍ଦ୍ର ରାଜ୍ୟ ସହାୟତା ହାର ୯୦:୧୦ ଥିଲା। ଏବର ବ୍ୟବସ୍ଥାରେ କେବିକେ ଅଞ୍ଚଳରେ ଜଳସେଚନର ବିକାଶ କେବଳ ପ୍ରଭାବିତ ହେବ ଏହା ନୁହେଁ ବରଂ ଏକ ପଛୁଆ ଅଞ୍ଚଳ ଭାବେ କେନ୍ଦ୍ର ସରକାରଙ୍କ ଯେଉଁ କେବିକେ ମାନ୍ୟତା ଥିଲା ତାହା ମଧ୍ୟ ଶେଷ ହେବ ବୋଲି ପଣ୍ଡା କହିଛନ୍ତି।

ସାଧାରଣ ପାହ୍ୟା ରାଜ୍ୟଗୁଡିକ ପାଇଁ ଏହି ଅନୁଦାନ ହାର ଭିନ୍ନ ଥିଲା। ବର୍ତ୍ତମାନ ସାଧାରଣ ପାହ୍ୟା ରାଜ୍ୟମାନଙ୍କ ପାଇଁ କେନ୍ଦ୍ର ରାଜ୍ୟ ସହାୟତା ହାର ଯଥାକ୍ରମେ ୨୫:୭୫ ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, କୃଷି ଓ କୃଷକର ବିକାଶ ପାଇଁ ଜଳସେଚନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ତତ୍କାଳୀନ ଭାରତ ସରକାର ୧୯୯୫-୯୬ ମସିହାରେ ଏଆଇବିପି ଯୋଜନା ଆରମ୍ଭ କରିଥିଲେ। ଜଳସେଚନ ରାଜ୍ୟର ବିଷୟବସ୍ତୁ ହୋଇଥିଲେ ମଧ୍ୟ ରାଜ୍ୟମାନଙ୍କର ନିର୍ମାଣାଧୀନ ଓ ପ୍ରସ୍ତାବିତ ଜଳସେଚନ ପ୍ରକଳ୍ପଗୁଡିକୁ କେନ୍ଦ୍ର ସରକାର ଏହି ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଆଗେଇ ଆସିଥିଲେ। ସ୍ୱତନ୍ତ୍ର ପାହ୍ୟା ରାଜ୍ୟମାନଙ୍କୁ ଓ ଓଡିଶାର ଅବିଭକ୍ତ କେବିକେ ଅଞ୍ଚଳର ଜିଲାମାନଙ୍କୁ ତଥା ବର୍ତ୍ତମାନର ୮ଟି ଜିଲାକୁ ସାଧାରଣ ପାହ୍ୟା ରାଜ୍ୟ ଅପେକ୍ଷା ଅଧିକ କେନ୍ଦ୍ରୀୟ ଆର୍ଥିକ ସହାୟତାର ବ୍ୟବସ୍ଥା ଥିଲା। ନୂଆପଡା ଜିଲାର ଲୋୟର ଇନ୍ଦ୍ର ଏହି ଯୋଜନାରେ ଅଧିକ ମାତ୍ରାରେ କେନ୍ଦ୍ରୀୟ ଅନୁଦାନ ପାଇଛି। ଏଆଇବିପି ଯୋଜନା ସଂଶୋଧିତ ହେବା ଫଳରେ ୨୦୨୧ ମାର୍ଚ୍ଚ ମାସରୁ କେବିକେ ଅଞ୍ଚଳର ଅନେକ ନିର୍ମାଣାଧୀନ ଓ ପ୍ରସ୍ତାବିତ ଜଳସେଚନ ପ୍ରକଳ୍ପଗୁଡିକ ପୂର୍ବାପେକ୍ଷା କମ୍ ଆର୍ଥିକ ସହାୟତା ପାଉଛନ୍ତି ଓ ଆଗକୁ ମଧ୍ୟ ଏହି ଧାରା ଜାରି ରହିବ ବୋଲି ପଣ୍ଡା କହିଛନ୍ତି। ରାଜ୍ୟର ସମସ୍ତ ରାଜନୈତିକ ଦଳ ଓ ନେତୃବୃନ୍ଦ ଏହାକୁ ନେଇ ନିରବ ରହିବା, ସମଗ୍ର ଓଡିଶା ଓ ବିଶେଷ କରି କେବିକେ ଅଞ୍ଚଳର ଚାଷ ଓ ଚାଷୀଙ୍କ ସମସ୍ୟା ପ୍ରତି ଉଦାସୀନତା ମନୋଭାବ ବୋଲି ପଣ୍ଡା କହିଛନ୍ତି।

# ବ୍ଲକସ୍ତରୀୟ ଗାଁ ସାଥୀ ସଂଘ ସମାବେଶ


ପପଙ୍ଗା ପାହାଡରେ ଅନୁଷ୍ଠିତ ସମାବେଶରେ ଉପସ୍ଥିତ ଗାଁ ସାଥୀଗଣ।

ଭେଡେନ,୧୯।୩ (ଡି.ଏନ.ଏ)

ବରଗଡ ଜିଲା ଭେଡେନ ବ୍ଲକର ପପଙ୍ଗା ପାହାଡ ପାଦଦେଶରେ ବ୍ଲକସ୍ତରୀୟ ଗାଁ ସାଥୀ ସଂଘର ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଭେଡେନ ବ୍ଲକ ସଭାପତି ବସୁଦେବ ରଞ୍ଜିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ରାଜ୍ୟ ସହ ସମ୍ପାଦକ ଶୋଭାକର ସାହୁ ଯୋଗଦେଇ ଗାଁ ସାଥୀଙ୍କ ପରିଚୟପତ୍ର, ମାସିକ ସରକାରୀ ବେତନ ବିଷୟରେ ଆଲୋକପାତ କରିଥିଲେ। କେତେକ ପଞ୍ଚାୟତରେ ଗାଁ ସାଥୀଙ୍କୁ ସରପଞ୍ଚ ଓ ଜିଆର୍ଏସ୍ ଅଣଦେଖା କରୁଥିବା ଅଭିଯୋଗ ଉପରେ ଆଲୋଚନା ହୋଇଥିଲା। ବିଶେଷ କରି ଚଳିତ ମାସରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ସମାବେଶରେ ଗାଁ ସାଥୀମାନେ ଯୋଗ ଦେବାକୁ ସାହୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପସଭାପତି ଗହଳ ପଧାନ, ସମ୍ପାଦକ ନାରାୟଣ ଭୁଏଙ୍କ ସମେତ ବ୍ଲକର ୯୬ଟି ରାଜସ୍ୱ ଗ୍ରାମର ପ୍ରାୟ ୨ଶହ ଗାଁ ସାଥୀ ଉପସ୍ଥିତ ଥିଲେ। ବସୁଦେବ ବଘାର, ରବିନ୍ଦ୍ର ପଶାୟତ, ଜୟନ୍ତ ସେଠ, ସୌଦାମିନି କାଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଝସକେତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବର୍ଣ୍ଣପୁରରେ ୫୧ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ

ସୋନପୁର,୧୯।୩ (ନି.ପ୍ର.)

ସୁବର୍ଣ୍ଣପୁର ଜିଲା ବେଦ ପ୍ରଚାର ସମିତି ଆନୁକୂଲ୍ୟରେ ସ୍ଥାନୀୟ ଖମ୍ବେଶ୍ୱରୀ ମନ୍ଦିର ନିକଟରେ ଥିବା କଲ୍ୟାଣ ମଣ୍ଡପରେ ୫୧ କୁଣ୍ଡୀୟ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ରବିବାର ଅନୁଷ୍ଠିତ ହୋଇଯାଇଛି। ବେଦ ପ୍ରଚାର ସମିତି ରାଜ୍ୟ ପୁରୋଧା ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଧାର୍ମୀକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶତାଧିକ ଦମ୍ପତିଙ୍କ ସହଯୋଗିତାରେ ଏକ ଆଧ୍ୟାତ୍ମିକ ପରିବେଶରେ ଭଜନ ଓ କୀର୍ତ୍ତନ ସହ ଏହି ଯଜ୍ଞ ସମ୍ପନ୍ନ ହୋଇଛି। ଏହି ଅବସରରେ ସ୍ୱାମୀ ସୁଧାନନ୍ଦ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ସନାତନ ଧର୍ମର ଗାରିମା, ଯୋଗ ଓ ଯଜ୍ଞର ବୈଜ୍ଞାନିକ ଉପକାରିତା ସମ୍ପର୍କରେ ଆଲୋଚନା କରିବା ସହ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱାମୀଜୀ କହିଥିଲେ ଭାରତ ପୂର୍ବରୁ ବିଶ୍ୱଗୁରୁ ଥିଲା। ଯୋଗ ଓ ଯଜ୍ଞ ମାଧ୍ୟମରେ ଭାରତ ପୁଣି ଥରେ ବିଶ୍ୱ ଗୁରୁ ହେବ। ଯୋଗ ଦ୍ୱାରା ମଣିଷ ଶାରୀରିକ, ମାନସିକ, ଆଧ୍ୟାତ୍ମିକ ଓ ସାମାଜିକ ସୁସ୍ଥତା ଅର୍ଜନ କରେ ଏବଂ ଯଜ୍ଞ ଦ୍ୱାରା ବାତାବରଣ ଶୁଦ୍ଧ ରୁହେ ବୋଲି କହିଥିଲେ। ଏହି ଅବସରରେ ସମାଜସେବା ପାଇଁ ମୀନା ମହାରଣା, ଗୋରେଖନାଥ ସାହୁ, ମନୋଜ ପଣ୍ଡା ଓ ପ୍ରତାପ କେଶରୀ ରାୟଗୁରୁଙ୍କୁ ସ୍ୱାମୀଜୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ପଣ୍ଡିତ କବିନ୍ଦ୍ର ଆର୍ଯ୍ୟ, ସଞ୍ଚାଳକ ପଙ୍କଜ କୁମାର ମେହେର, ବୈଦ୍ୟନାଥ ଜାଲ, ସୁବ୍ରତ ନାୟକ, ପର୍ଶୁରାମ ମେହେର, ପୁଷ୍ପା ମେହେର, କଳ୍ପନା ମେହେର, ଲିଲି ଷାଣ୍ଡ, ପ୍ରଣତି ଗରିଆ ଓ ଲିଲି ସାମନ୍ତରାୟ ପ୍ରମୁଖ ପ୍ରତ୍ୟକ୍ଷ ଭାବେ ସହଯୋଗ କରିଥିଲେ।


୫୧କୁଣ୍ଡୀୟ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞରେ ପୂଜାର୍ଚ୍ଚନା କରାଯାଉଛି।

# ସତଲମା-ହଳଦୀପାଲି ସଂଯୋଗକରଣ ସେତୁ ଉଦ୍ଘାଟନ

ବରପାଲି,୧୯।୩ (ଡି.ଏନ.ଏ.)

ବରଗଡ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ସତଲମାରୁ ହଳଦୀପାଲି ତଥା ସୁବର୍ଣ୍ଣପୁର ଜିଲାକୁ ସଂଯୋଗ କରୁଥିବା ଏକ ସେତୁ ରବିବାର ଉଦ୍ଘାଟିତ ହୋଇଛି। ୩୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସେତୁକୁ ଆଗଲପୁର ପ୍ୟାକ୍ସ ସଭାପତି ବିରୋସେନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ସରପଞ୍ଚ ପ୍ରତିନିଧି ରାଘବ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କରୁଣାକର ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପୋଲ ରାସ୍ତା ଦେଇ ଦୈନନ୍ଦିନ ହଜାର ହଜାର ଲୋକ ଯାତାୟାତ କରୁଥିଲେ। ବିପଦସଙ୍କୁଳ ଭାବେ ଏହି ପୋଲ ପଡ଼ିଥିବାରୁ ଗ୍ରାମବାସୀ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ପୋଲ ତିଆରି କରିବା ପାଇଁ ଅନୁରୋଧ କରିଥିଲେ।

# ଅଭିଯୁକ୍ତ ପ୍ରେମିକ ଜେଲ୍ ଗଲେ

ବରଗଡ଼ ଅଫିସ, ୧୯।୩

**ପ୍ରେମିକାଙ୍କୁ ମାରି କୂଅରେ ଫିଙ୍ଗିବା ଘଟଣା**


ଗିରଫ ଅଭିଯୁକ୍ତ।

ବରଗଡ଼ ଜିଲା ବିଜେପୁର ଥାନା ଅନ୍ତର୍ଗତ ସାଇପାଲି ଗ୍ରାମର ଏକ କୂଅ ଭିତରୁ ଶନିବାର ଜଣେ ଯୁବତୀ ପଦ୍ମିନୀ ଛତ୍ରିଆ(୨୫)ଙ୍କ ମୃତଦେହ ଉଦ୍ଧାର ହେବା ଘଟଣାର ପର୍ଦ୍ଦାଫାସ ହୋଇଛି। ବିବାହ କରିବାରେ ବିଫଳ ହେବା ପରେ ମୃତା ଯୁବତୀଙ୍କ ହତାଶ ପ୍ରେମିକ ତଥା ଗ୍ରାମର ଚନ୍ଦ୍ରଶେଖର ସେଠ(୨୮) ତାଙ୍କୁ ହତ୍ୟା କରିବା ପରେ ମୃତଦେହକୁ କୂଅ ଭିତରକୁ ଫିଙ୍ଗିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ପୋଲିସ ଅଭିଯୁକ୍ତ ଚନ୍ଦ୍ରଶେଖରଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସୋହେଲା ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ବିଜେପୁର ଥାନାରେ ଦଫା ୩୬୪, ୩୦୨, ୨୦୧ ଆଇପିସିରେ ଏକ ମାମଲା (ନଂ.୫୯/୨୩) ରୁଜୁ ହୋଇଛି।

ପ୍ରକାଶ ଯେ, ପଦ୍ମିନୀ ଏବଂ ଚନ୍ଦ୍ରଶେଖରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ଇତିମଧ୍ୟରେ ପଦ୍ମିନୀଙ୍କ ବିବାହ ଅନ୍ୟତ୍ର ସ୍ଥିର ହୋଇଥିବା ବେଳେ ଗତ ୧୫ତାରିଖରୁ ପଦ୍ମିନୀ ନିଖୋଜ ହୋଇଯାଇଥିଲେ। ଚନ୍ଦ୍ରଶେଖର ତାଙ୍କୁ ଅପହରଣ କରି ନେଇଥିବା ପଦ୍ମିନୀଙ୍କ ପରିବାର ଲୋକେ ବିଜେପୁର ଥାନାରେ ଏତଲା ଦେଇଥିଲେ। ଏହାପରେ ପୋଲିସ ଉକ୍ତ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଆରମ୍ଭ କରିବା ସହିତ ଚନ୍ଦ୍ରଶେଖରଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପଦ୍ମିନୀଙ୍କୁ ତଣ୍ଟି ଚିପି ହତ୍ୟା କରିବା ପରେ ମୃତଦେହକୁ ଗାଁ ଉପକଣ୍ଠ ଏକ କୂଅ ଭିତରକୁ ଫିଙ୍ଗି ଦେଇଥିବା ନେଇ ଚନ୍ଦ୍ରଶେଖର ପୋଲିସ ଆଗରେ ସ୍ୱୀକାର କରିବା ସହିତ ଘଟଣାସ୍ଥଳ ଦେଖାଇଥିଲେ। ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ପୋଲିସ ସେଠାରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସେହିପରି ଅନୁସନ୍ଧାନୀ କୁକୁର ଘଟଣାସ୍ଥଳକୁ ପହଞ୍ଚି ଥିବାବେଳେ ସାଇଣ୍ଟିଫିକ ଟିମ୍ ଉପସ୍ଥିତିରେ ମୃତଦେହର ପଞ୍ଚନାମା ମଧ୍ୟ କରାଯାଇଥିଲା। ରବିବାର ଅଭିଯୁକ୍ତ ଚନ୍ଦ୍ରଶେଖରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ବିଜେପୁର ଥାନାଧିକାରୀ ସନୟ କୁମାର ନାଏକ ଏହାର ତଦନ୍ତ କରୁଛନ୍ତି।

# ପଶ୍ଚିମ ଓଡିଶା ଆର୍ଯ୍ୟ ସମାଜର ସାଙ୍ଗଠନିକ ଅଧିବେଶନ

ବରଗଡ଼ ଅଫିସ/ପଦ୍ମପୁର, ୧୯।୩ (ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ନୂଆପାଲି ସ୍ଥିତ ନବପ୍ରଭାତ ଗୁରୁକୁଳଠାରେ ପଶ୍ଚିମ ଓଡିଶା ଆର୍ଯ୍ୟ ସମାଜର ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡିଶା ଆର୍ଯ୍ୟ ସମାଜ ଅଧ୍ୟକ୍ଷ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଙ୍ଗଠନ ମନ୍ତ୍ରୀ ଧନୁର୍ଦ୍ଧର ମହାପାତ୍ର ଯୋଗଦେଇ ବିଭିନ୍ନ ଜିଲାର ସଙ୍ଗଠନ ବିଷୟରେ ଆଲୋଚନା କରିଥିଲେ। ବୈଠକରେ ଗୁରୁକୂଳର ଅଧ୍ୟକ୍ଷ ଆଚାର୍ଯ୍ୟ ଭଗବାନ ଦେବ, ଉପ ସଭାପତି କୃଷ୍ଣଦେବ ଶାସ୍ତ୍ରୀ, ବରଗଡ଼ ଜିଲା ସଭାପତି ପୂର୍ଣ୍ଣାନନ୍ଦ ଶାସ୍ତ୍ରୀ, ସୋନପୁର ଜିଲାର ଶିବ ପ୍ରସାଦ ପାତ୍ର, ବଲାଙ୍ଗୀର ଜିଲା ସଭାପତି ଆନନ୍ଦ କୁମାର ସାହୁ ସମ୍ପାଦକ ଆରୁଣୀ ଶାସ୍ତ୍ରୀ, ସୁନ୍ଦରଗଡ ଜିଲା ସମ୍ପାଦକ ମୁଖ୍ୟକାନ୍ତ ପଟେଲ, ଅଧାପକ ଅଶୋକ ମେହେର, ପଣ୍ଡିତ ଗୋପବନ୍ଧୁ ପୁରୋହତ, ରମେଶ ଭୋଇ, ରାଜକୁମାର ବରାଡ଼, ଦୁର୍ଯ୍ୟୋଧନ ଦାଶ, ସୁରେଶ ମୁନି ଓ ସଚେତନ ମୁନି ପ୍ରମୁଖ ଉପସ୍ଥିତ ରହି ପଶ୍ଚିମ ଓଡିଶାରେ ଆର୍ଯ୍ୟ ସମାଜର ସାଙ୍ଗଠନିକ ସ୍ଥିତି ଉପସ୍ଥାପନ କରିଥିଲେ। ଏହି ଅବସରରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମର ଦୁଇଶହ ବର୍ଷ ପୂର୍ତ୍ତି ପାଳନ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଏହି ଅବସରରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାର ଶତାଧିକ ଆର୍ଯ୍ୟ ସଦସ୍ୟ ଯୋଗ ଦେଇଥିଲେ।


ପଶ୍ଚିମ ଓଡିଶା ଆର୍ଯ୍ୟ ସମାଜର ସାଙ୍ଗଠନିକ ଅଧିବେଶନରେ ଉପସ୍ଥିତ କର୍ମକର୍ତ୍ତଗଣ।

# ବରପାଲି କଲେଜରେ ଅଗ୍ନିବୀର ସଚେତନତା ଶିବିର

ବରପାଲି,୧୯।୩ (ଡି.ଏନ.ଏ.)

ଅଗ୍ନିବୀରରେ ନିଯୁକ୍ତି ପାଇଁ ବରପାଲି କଲେଜରେ ଏକ ସଚେତନତା ଶିବିର ବରଗଡ଼ ଜିଲା ନିୟୋଜନ କାର୍ଯ୍ୟାଳୟ ଓ ସେନା ନିଯୁକ୍ତି ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷା ଜୟନ୍ତୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ନିୟୋଜନ ଅଧିକାରୀ ବିଦ୍ୟୁତ୍‌ପ୍ରଭା ସାହୁ ମୁଖ୍ୟ ଅତିଥି ଓ ହାବିଲଦାର ଅମିତ କୁମାର ସିଂ ଓ ସୁବେଦାର ମେଜର ରାଜେଶ ନୱାନି ବକ୍ତା ଭାବେ ଯୋଗଦେଇ ଦେଶ ସୁରକ୍ଷାରେ ସେନା ବାହିନୀର କର୍ତ୍ତବ୍ୟ ତଥା ଅଗ୍ନିବୀର ନିଯୁକ୍ତି ପାଇଁ ଶିକ୍ଷାଗତ ଓ ଶାରୀରିକ ଯୋଗ୍ୟତା ଉପରେ ଆଲୋକପାତ କରିଥିଲେ। ଏହି ଶିବିରକୁ ଅଧ୍ୟାପକ ଭକ୍ତବନ୍ଧୁ ପ୍ରଧାନ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ସୁଶିଳ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ସୀମାଞ୍ଜଳି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ବହୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପିତ

ବରଗଡ଼ ଅଫିସ, ୧୯।୩

ବରଗଡ଼ ମ୍ୟୁନିସିପାଲିଟି ୱାର୍ଡ ନଂ-୧ ଅଧୀନ ନିଗମାନନ୍ଦ ବିହାରରେ ଆସନ୍ତା ୨୫ ଓ ୨୬ ତାରିଖରେ ହେବାକୁ ଥିବା ଅଷ୍ଟପ୍ରହର ନାମଯଜ୍ଞ ପାଇଁ ରବିବାର ଶୁଭସ୍ତମ୍ଭ ସ୍ଥାପିତ ହୋଇଛି। ପଣ୍ଡିତ ଉତ୍ତମ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଡ଼ାବାସୀଙ୍କ ତରଫରୁ ଅଧ୍ୟାପକ ସୁରେଶ ବାରିକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ନାମଯଜ୍ଞରେ ବାରିକ ସସ୍ତ୍ରୀକ କର୍ତ୍ତା କାର୍ଯ୍ୟ ଦାୟିତ୍ୱ ସମ୍ପାଦନ କରିବେ ବୋଲି ପଡ଼ାବାସୀ ନିର୍ଦ୍ଧାରଣ କରିଥିବା ନାମଯଜ୍ଞ କମିଟି ସଭାପତି ଚନ୍ଦ୍ରଶେଖର କର୍ମ ସୂଚନା ପ୍ରଦାନ କରିଛନ୍ତି। ସମ୍ପାଦକ ମୃତ୍ୟୁଞ୍ଜୟ ମିଶ୍ର, କୋଷାଧ୍ୟକ୍ଷ କୁଞ୍ଜବିହାରୀ ଭୋଇ, ଉପ ସଭାପତି ସନ୍ତୋଷ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ନିଗମାନନ୍ଦ ବିହାର ସଂକୀର୍ତ୍ତନ ପରିଷଦର ଅଧ୍ୟକ୍ଷ ବାଙ୍କା ବିହାରୀ ସାହୁ, ସମ୍ପାଦକ ଟିକେଲାଲ ନାଏକ, ଦୁର୍ଗାପୂଜା କମିଟି ଅଧ୍ୟକ୍ଷ ସଦାଶିବ ସାହୁ, ସମ୍ପାଦକ ନବୀନ ସାବତ, ବରିଷ୍ଠ ସଦସ୍ୟ ପ୍ରହ୍ଲାଦ ମହାପାତ୍ର, ଅର୍ଜୁନ ସେଟ, ନୀଳକଣ୍ଠ ସାହୁ, ପ୍ରଦୀପ ସାହୁ, ଦୈତାରି ସାହୁ, ଚନ୍ଦ୍ରମଣି ଦାଶ, ପ୍ରମୋଦ ସାହୁ, ଆକାଶ ସେଠୀ, ଅଶୋକ ହୋତା, ଦୁଃଖୁ ମିଶ୍ର, ଅରୁଣ ସେଟ, ଶରତ ଦାଶ, ଗଗନ ଦାଶ, ଚନ୍ଦ୍ରକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ୭ଥର ସ୍ତମ୍ଭ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପଡ଼ାବାସୀ ସହଯୋଗ କରିଥିଲେ।


ଶୁଭସ୍ତମ୍ଭ ସ୍ଥାପନ ଅବସରରେ ପୂଜାର୍ଚ୍ଚନା।

# ଅଞ୍ଚଳ କଲେଜ ପରିଚାଳନା କମିଟି ପୁନର୍ଗଠିତ

ପଦ୍ମପୁର,୧୯।୩ (ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ପରିଚାଳନା କମିଟି ପୁନର୍ଗଠିତ ହୋଇଛି। ଏହାର ପ୍ରଥମ ବୈଠକ ସଭାପତି ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କମିଟିରେ ମନୋନିତ ସଦସ୍ୟା ସଦସ୍ୟମାନେ ହେଲେ ମୋତିଲାଲ ବରିହା, ଦିନେଶ ପାଣିଗ୍ରାହୀ, ଧନେଶ୍ୱର ସାହୁ, ପ୍ରାଧ୍ୟପକ ଲଳିତ ମୋହନ ପଣ୍ଡା, ରାଧାକାନ୍ତ ପଣ୍ଡା, ପ୍ରାଧ୍ୟାପକ ପୂର୍ଣ୍ଣିମା ଦୋରା, ସୋନାଲ ବଂଶଲ, ଦୀପ୍ତିମୟୀ ଶତପଥୀ ଓ ପୁଷ୍ପାଞ୍ଜଳି ସାହୁ। କଲେଜ ଅଧ୍ୟକ୍ଷ ଡ. ଲଳିତେନ୍ଦୁ ନାଏକ ସମସ୍ତ ମନୋନିତ ସଦସ୍ୟା ସଦସ୍ୟଙ୍କୁ ସ୍ୱାଗତ କରିଥିଲେ।

# ଦୂଷିତ ପାଣି ବ୍ୟବହାର କରୁଛନ୍ତି ଗ୍ରାମବାସୀ

ଭେଡେନ,୧୯।୩ (ଡି.ଏନ.ଏ)

**ପାନୀୟ ଜଳଯୋଗାଣ ବନ୍ଦ**

ବରଗଡ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ଦେଶଭଟଲି ଓ ବିଶିପାଲିକୁ ୧୦ ଦିନ ହେଲା ପାନୀୟ ଜଳଯୋଗାଣ ବନ୍ଦ ରହିଛି। ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଥିବା ୨ଟି ନଳକୂପରୁ ଲୁହାଗୁଣ୍ଡ ମିଶ୍ରିତ ପାଣି ବାହାରୁଥିବା ବେଳେ ତାହା ବ୍ୟବହାର ଅନୁପଯୋଗୀ ହୋଇଛି। ଲୋକେ ସ୍ଥାନୀୟ ପ୍ରାଥମିକ ସ୍କୁଲ ନିକଟରେ ଥିବା ନଳକୂପ ଉପରେ ନିର୍ଭର କରୁଛନ୍ତି। ଏହା ଗ୍ରାମବାସୀଙ୍କୁ ନିଅଁଟ ହେଉଥିବାରୁ ଲୋକେ ବାଧ୍ୟହୋଇ ପୋଖରୀର ଦୂଷିତ ପାଣିକୁ ପାନୀୟ ଭାବେ ବ୍ୟବହାର କରୁଛନ୍ତି। ଫଳରେ ଗ୍ରାମରେ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କା ରହିଛି।

ପ୍ରକାଶ ଯେ, ୩ଟି ୱାର୍ଡ ବିଶିଷ୍ଟ ଦେଶଭଟଲି ଏବଂ ବିଶିପାଲି ଗ୍ରାମର ଜନସଂଖ୍ୟା ପ୍ରାୟ ୧୭ଶହରୁ ଊର୍ଦ୍ଧ୍ୱ ହେବ। ଗ୍ରାମରେ ୨ଟି ନଳକୂପ ଥିବାବେଳେ ସେଥିରୁ ବାହାରୁଥିବା ପାଣି ବ୍ୟବହାର ଅନୁପଯୋଗୀ। ଏଥିପାଇଁ ଦେଶପର୍ଥଲା ଗ୍ରାମରେ ଗଭୀର ନଳକୂପ ଖୋଳାଯାଇ ପାଇପ ଯୋଗେ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି। ମାତ୍ର ପାଇପ ଲାଇନ ଫାଟିଯିବାରୁ ୧୦ ଦିନ ହେଲା ଗ୍ରାମକୁ ଜଳଯୋଗାଣ ବନ୍ଦ ରହିଛି। ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏ ସମ୍ପର୍କରେ ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଅମ୍ରିତା ସ୍ୱାଇଁଙ୍କୁ ପଚାରିବାରୁ ସେ କହିଲେ, ଟେଲିଫୋନ କେବୁଲ ଏବଂ ବିଦ୍ୟୁତ୍ ବିଭାଗ ଖୁଣ୍ଟ ପୋତିଲା ବେଳେ ବହୁ ସ୍ଥାନରେ ପାଇପ ଲାଇନ ଫାଟିଯାଇଛି। ତେଣୁ ଉକ୍ତ ଗ୍ରାମକୁ ପାଣି ପହଞ୍ଚି ପାରୁନାହିଁ। ଏହାକୁ ତୁରନ୍ତ ସଜଡା ଯାଇ ଜଳଯୋଗାଣ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ।

## ଏମ୍‌ସିଏଲ ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ

ସମ୍ବଲପୁର,(ବ୍ୟୁରୋ): ମହାନଦୀ କୋଇଲା କମ୍ପାନୀ(ଏମ୍‌ସିଏଲ) ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ହୀରାକୁଦ ପଥଲା ଲାଇନର ବାବୁଲାଲ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଛି। ଜାଗୃତି ମହିଳା ମଣ୍ଡଳ ଅଧ୍ୟକ୍ଷା ପଦ୍ମଜା ସିଂଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସେ ବହୁତ କଷ୍ଟରେ ନିଜର ଦୈନନ୍ଦିନ କାର୍ଯ୍ୟ କରୁଥିଲେ। ଏହାକୁ ଦୃଷ୍ଟିରେ ରଖି ଜାଗୃତି ମହିଳା ମଣ୍ଡଳ ହୁଇଲ ଚେୟାର ଦେବାକୁ ପଦକ୍ଷେପ ଗ୍ରହଣ କରିଥିଲେ। ହୁଇଲ ଚେୟାର ପ୍ରଦାନ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପାଧ୍ୟକ୍ଷା ଏ ଶୁକ୍ଲା ରାଓ, ସରିତା ପଟେଲ, ଆରତି ବୋରା, ରଶ୍ମି ବେହୁରାଙ୍କ ସମେତ ସଭ୍ୟାମାନେ ଉପସ୍ଥିତ ଥିଲେ।

# ୨୪ରୁ ତୃତୀୟ ହୀରାଖଣ୍ଡ ନାଟ୍ୟ ମହୋତ୍ସବ

### ଓଡ଼ିଆ, ସମ୍ବଲପୁରୀ, ବଙ୍ଗଳା ଭାଷାରେ ହେବ ନାଟକ ମଞ୍ଚସ୍ଥ

**ସମ୍ବଲପୁର, ୧୯।୩(ବ୍ୟୁରୋ)**

ତୃତୀୟ ହୀରଖଣ୍ଡ ନାଟ୍ୟ ମହୋତ୍ସବ ଚଳିତ ମାସ ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ବିଦ୍ୟାଳୟ ଜ୍ୟୋତି ବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ହେବ। ଏଥି ସକାଶେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୪ ଦିନ ଧରି ହେବାକୁ ଥିବା ମହୋତ୍ସବରେ ଓଡିଆ, ସମ୍ବଲପୁରୀ ଓ ବଙ୍ଗଳା ଭାଷାରେ ନାଟକ ମଞ୍ଚସ୍ଥ ହେବ। ରବିବାର ସମ୍ବଲପୁର ସମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହୋତ୍ସବ ଆୟୋଜକ ଅଦୃଶ୍ୟ ନାଟ୍ୟ ଆଶ୍ରମର ସମ୍ପାଦକ ଅତିଶ କୁମାର ଶତପଥୀ ଏହି ସୂଚନା ଦେଇଛନ୍ତି । ସେ ଆହୁରି କହିଥିଲେ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହଭାଗୀତାରେ ହେବାକୁ ଥିବା ମହୋତ୍ସବ ଉଦଘାଟନୀ ଉତ୍ସବରେ ବରଗଡ ଜିଲା ପଦମପୁର ଅବର୍ଣ୍ଣଗୁଡା ନାଟ୍ୟ ଅନୁଷ୍ଠାନର କଳାକାରମାନେ ଅଶୋକ କୁମାର ବହିଦାରଙ୍କ ରଚିତ ଓ ନିର୍ଦ୍ଦେଶିତ ବା ନାଟକ ପରିବେଷଣ କରିବେ । ସେହିପରି ୨୫ରେ ଭୁବନେଶ୍ୱର ଜୀବନ ରେଖା ଅନୁଷ୍ଠାନ ପକ୍ଷରୁ ଓଡିଆ ଭାଷାରେ ନାଟକ ତା ମାଆର କାହାଣୀ ମଞ୍ଚସ୍ଥ ହେବ। ଏହି ନାଟକକୁ ଅଭିନ୍ନ ରାଉତରାୟ ନିର୍ଦ୍ଦେଶନା ଦେଇଥିବା ବେଳେ ସୁଷମା ଦେଶପାଣ୍ଡେ ରଚନା ଓ ରତ୍ନବାଳା ସ୍ୱାଇଁ ଅନୁବାଦ କରିଛନ୍ତି। ୨୬ ତାରିଖରେ କଳ୍ପନା ବରୁଆଙ୍କ ନିର୍ଦ୍ଦେଶିତ ସ ଦେବୋ ଠାକୁରଙ୍କ ରଚିତ ନାଟକ ଏକାତୀର ଦିନୋଲିପିକୁ କୋଲକାତାର କଳାକାରମାନେ ମଞ୍ଚସ୍ଥ କରିବା କାର୍ଯ୍ୟକ୍ରମ ରହିଛି। ମହୋତ୍ସବ ଉଦଯାପନୀ ସନ୍ଧ୍ୟାରେ ବିଶ୍ୱନାଟ୍ୟ ଦିବସ ଅବସରରେ ଅଦୃଶ୍ୟ ନାଟ୍ୟ ଆଶ୍ରମ କଳାକାରମାନେ ସମ୍ବଲପୁରୀ ଭାଷାରେ ନାଟକ ଝିଲେଉଟେନ ପରିବେଷିତ ହେବ ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମଞ୍ଚ କଳାକାର ସୁବଳ ବାଗ, ନରେନ୍ଦ୍ର ବେହେରା, ପଙ୍କଜିନୀ ମେହେର, ବଳରାମ ହୋତା, ପ୍ଲାବନ ମିଶ୍ର , ରାହୁଲ ଗୁପ୍ତା, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଶୁଭମ ମେହେର ମହୋତ୍ସବ ବିଷୟରେ ସୂଚନା ଦେଇଥିଲେ।





ସମ୍ବଲପୁର ନାକଟିଦେଉଳ ଥାନା ଅଧୀନ ଗୋପାଳପୁରରେ କରାଯାଇଥିବା ଅଫିମ ଚାଷ।

# ନାକଟିଦେଉଳ ଅଫିମ ଚାଷରେ ଝାଡ଼ଖଣ୍ଡର ଲିଙ୍କ୍

**ସମ୍ବଲପୁର/ନାକଟିଦେଉଳ/ରେଢାଖୋ, ୧୯।୩(ବ୍ୟୁରୋ/ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକରେ ପୂର୍ବରୁ ଗଞ୍ଜେଇ ଚାଷ ହେଉଥିବା ନେଇ ରେକର୍ଡ ରହିଛି। ତେବେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢାଉ କରାଯାଇ ଗଞ୍ଜେଇ ଗଛଗୁଡିକ ନଷ୍ଟ କରାଯିବା ଫଳରେ ଏବେ ଗଞ୍ଜେଇ ଚାଷ ସାମାନ୍ୟ ହ୍ରାସ ପାଇଛି । ହେଲେ ଅଫିମ ଚାଷ ଧୀରେ ଧୀରେ ବଢିବାରେ ଲାଗିଛି। ନାକଟିଦେଉଳ ଥାନା ଗୋପାଲପୁର ଗ୍ରାମରେ ରବିବାର ଅବକାରୀ ବିଭାଗ କର୍ମଚାରୀମାନେ ଚଢାଉ କରି ଅଫିମ ଚାଷ ନଷ୍ଟ କରିବା ସହ ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖିଛନ୍ତି।

ଅବକାରୀ ବିଭାଗ ଅଧୀକ୍ଷକ ଅଶୋକ ସେଠ କହିଛନ୍ତି, ନାକଟିଦେଉଳ ଅଞ୍ଚଳରେ ଅଫିମ ଚାଷ ହେଉଥିବା ନେଇ ସୂଚନା ମିଳିଥିଲା। ସକାଳେ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଚଢାଉ କରିଥିଲେ। ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖାଯାଇଛି। ପ୍ରାୟ ୧୦ ହଜାର ଅଫିମ ଗଛ ନଷ୍ଟ କରାଯାଇଛି। ଏହାସହ ଅଫିମ ଜବତ ହୋଇଛି। ଜଙ୍ଗଲରେ ପ୍ରାୟ ୪୦ ଡେସିମିଲ ଜମିରେ ହୋଇଥିବା ୧୦ହଜାର ଅମଲକ୍ଷମ ଅଫିମ ଗଛ ନଷ୍ଟ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ୭୫ ଲକ୍ଷ ଟଙ୍କା ହେବ। ଏହି ଚାଷରେ ଝାଡ଼ଖଣ୍ଡ ଲୋକଙ୍କ ସଂପୃକ୍ତି ଥିବା ନେଇ ଜଣାପଡିଛି। ମୁଖ୍ୟ କିଙ୍ଗପିନ୍ ମଧ୍ୟ ଝାଡ଼ଖଣ୍ଡର ବୋଲି ଜଣାପଡିଛି। ସେମାନଙ୍କୁ ମଧ୍ୟ ଗିରଫ କରାଯିବ। ଗଞ୍ଜେଇ ଚାଷ ଏକରକମ ଲୋପ କରି ଦିଆଯାଇଛି। ଏବେ ଅଫମ ଚାଷ ବନ୍ଦ କରିବାକୁ ବିଭାଗ ପଦକ୍ଷେପ ଗ୍ରହଣ କରିବ। ରାଜ୍ୟ ବାହାର ହେଉ କି ସ୍ଥାନୀୟ ଲୋକ ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଅଫିମ ଚାଷ ନଷ୍ଟ ଘଟଣା ଜିଲାରେ ପ୍ରଥମ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଚଢ଼ାଉରେ ନାକଟିଦେଉଳ ତହସିଲଦାର ସୁକାନ୍ତ କୁମାର ନାଏକ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ। ଏଥିସହିତ ଅବକାରୀ ବିଭାଗର ଜିଲା ମୋବାଇଲ ସ୍କ୍ୱାଡ୍‌ର ନିରୀକ୍ଷକ ସଚ୍ଚିକାନ୍ତ ଦତ୍ତ, ଦିଲିପ କୁମାର ଶତପଥୀ, ରେଢାଖୋଲ ଅବକାରୀ ନିରୀକ୍ଷକ ପବିତ୍ର ମାଝୀ, ଏସ ଆଇ ଯାଦବ ପ୍ରଧାନ ଏବଂ ରେଢ଼ାଖୋଲ ଥାନାର ୫ଜଣ କନଷ୍ଟେବଲଙ୍କ ସମେତ ୫୦ଜଣ କର୍ମଚାରୀ ସାମିଲ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ଗଞ୍ଜେଇ ଚାଷ ଆରମ୍ଭରୁ ଅମଳ ହେବା ପର୍ଯ୍ୟନ୍ତ ପାଖାପାଖି ୬ ମାସ ଲାଗି ଯାଇଥାଏ। ତେବେ ଅଫିମ ଚାଷ ୩ ମାସ ମଧ୍ୟରେ ଅମଳ ହୋଇ ଯାଉଥିବାରୁ କେତେଜଣ ବ୍ୟକ୍ତି ଏବେ ଏହି ଚାଷକୁ ଆପଣେଇ ନେଇ କମ ଦିନ ମଧ୍ୟରେ ଅଧିକ ଲାଭ ଆଶା ରଖିଛନ୍ତି ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷରେ ଗୋପାଲପୁର ଗ୍ରାମରେ ଏହି ଚାଷ ହୋଇଛି ନା ଗଞ୍ଜେଇ ଚାଷ ଭଳି ଅନ୍ୟ ଗ୍ରାମ୍ୟ ଜଙ୍ଗଲରେ କରାଯାଇଛି ତାହା ତଦନ୍ତସାପେକ୍ଷ। ଗଞ୍ଜେଇ ଚାଷ ଭଳି ବାହାର ରାଜ୍ୟର ବ୍ୟବସାୟୀମାନେ ଏହି ଅଞ୍ଚଳକୁ ଆସି ଅଫିମ ଚାଷକୁ ପ୍ରୋତ୍ସାହିତ କରୁଥିବା ସାଧାରଣରେ ସନ୍ଦେହ ହେଉଛି। ଏହାର ଅଧିକ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି।

**୭୫ ଲକ୍ଷ ଟଙ୍କା ମୂଲ୍ୟର ୧୦ ହଜାର ଅମଳକ୍ଷମ ଅଫିମ ଗଛ ନଷ୍ଟ**

# ୨୭ରେ ନାଟନାଟୁଆ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ

**ସମ୍ବଲପୁର, ୧୯।୩(ବ୍ୟୁରୋ)**

ନାଟ ନାଟୁଆ ଅନୁଷ୍ଠାନ ପକ୍ଷରୁ ଆସନ୍ତା ୨୭ ତାରିଖ ଦିନ ବିଶ୍ୱ ନାଟ୍ୟ ଦିବସ ପାଳିନ କରାଯିବ। ଏଥିଲାଗି କଳାକାରମାନେ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ସମ୍ବଲପୁର ଜିଲା ସମ୍ବାଦିକ ଭବନଠାରେ ସ୍ୱତନ୍ତ୍ର ଉତ୍ସବ ହେବ। ବିଗତ ୨ ବର୍ଷ ହେଲା ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ପ୍ରସ୍ତୁତି କରାଯାଇ ଆସୁଛି। କରୋନା ମହାମାରୀ ସଂକ୍ରମଣ ଦୃଷ୍ଟିରୁ ୨୦୨୦ରେ ବିଶ୍ୱ ନାଟ୍ୟ ଦିବସ କାର୍ଯ୍ୟକ୍ରମ ସ୍ଥଗିତ ରଖାଯାଇଥିଲା। ୨୦୨୧ ଓ ୨୦୨୨ରେ ବିଶ୍ୱ ନାଟ୍ୟ ଦିବସ ପାଳନ କରିଥିବା ବେଳେ ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ନାଟ୍ୟ ରଥିଙ୍କୁ ସମ୍ମାନିତ କରାଯାଇଥିଲା। ଚଳିତବର୍ଷ ମଧ୍ୟ ନାଟ୍ୟଶ୍ରୀ ଡ. ପଞ୍ଚାନନ ମିଶ୍ରଙ୍କୁ ନାଟକ କ୍ଷେତ୍ରରେ ଅବଦାନ ପାଇଁ ମରଣୋତ୍ତର ଭାବେ ନାଟ୍ୟ ଭବଭୂତି ସମ୍ମାନ ପ୍ରଦାନ କରାଯିବ। ସେହିପରି ମଞ୍ଚନାଟକ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ହାଡିବନ୍ଧୁ ସାହୁଙ୍କୁ ସ୍ୱତନ୍ତ୍ର ଭାବେ ନାଟନାଟୁଆ ସମ୍ମାନରେ ସମ୍ମାନିତ କରାଯିବ। ଏନେଇ ରବିବାର ଏକ ପ୍ରେସ ବିବୃତିରେ ନାଟନାଟୁଆର ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

# ବିରୋଧ ସତ୍ତ୍ୱେ ଏନଓସି ମିଳିଲା, ବିନା ଅନୁମତିରେ କଟିଲା ଗଛ

**ସମ୍ବଲପୁର, ୧୯।୩(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ତହସିଲ କୁକୁଡାପାଲି ପଞ୍ଚାୟତ ଅଧୀନ କୁକୁଡାପାଲି ମୌଜାରେ ଏକ ଇଥାନଲ କମ୍ପାନୀ ହେବାକୁ ଯାଉଛି। ଏହାକୁ ନେଇ ବିରୋଧ ହେବା ଓ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ପରେ ମଧ୍ୟ କମ୍ପାନୀ କାମ ଆରମ୍ଭ କରିଛି। ପୂର୍ବରୁ ବିରୋଧ ସତ୍ତ୍ୱେ କମ୍ପାନୀକୁ ଏନଓସି ମିଳିଥିବା ବେଳେ ଏବେ ବିନା ଅନୁମତିରେ ଜମିରେ ଥିବା ଗଛଗୁଡିକ କଟାଯିବା ନେଇ ଅଭିଯୋଗ ହେଉଛି। ପ୍ରସ୍ତାବିତ ପ୍ରାୟ ୩୦ ଏକର ଜମିରେ ଶତାଧିକ ଛୋଟ ବଡ ଗଛ ରହିଥିଲା ବୋଲି ଅଭିଯୋଗ ହେଉଛି। ଆହୁରି ଅଭିଯୋଗ ହୋଇଛି ଯେ, ରୟତି ଜମିରେ ଗଛ କାଟିବାକୁ ହେଲେ ମଧ୍ୟ ରାଜସ୍ୱ ବିଭାଗ ଅନୁମତିର ଆବଶ୍ୟକ ରହିଛି। ତହସିଲ ଅଫିସରେ ଆବେଦନ କରିବା ପରେ ରାଜସ୍ୱ ବିଭାଗ ଓ ବନ ବିଭାଗ ମିଳିତ ଭାବେ ସର୍ଭେ କରି ରିପୋର୍ଟ ପ୍ରଦାନ କରିବେ। ଯଦି ଗଛ କାଟିବା ଆବଶ୍ୟକ ଥାଏ ତାହେଲେ ଅନୁମତି ମିଳିବା ପରେ ଜମି ମାଲିକ ଗଛ କାଟିଥାନ୍ତି। ହେଲେ ଉକ୍ତ କମ୍ପାନୀକୁ ଗଛ କାଟିବାକୁ ଅନୁମତି ଦିଆଯାଇ ନାହିଁ କିମ୍ବା ଏଥିପାଇଁ ଆବେଦନ କରାଯାଇନାହିଁ ବୋଲି ତହସିଲର ସୁପରଭାଇଜର ଯୋଗପାଲ ଏକ୍କା କହିଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ଏହି ବିବାଦୀୟ ଘଟଣା ଜିଲା ପ୍ରଶାସନ ପାଖରେ ପହଞ୍ଚି ଥିବା ବେଳେ ପଞ୍ଚାୟତରେ ମଧ୍ୟ ବିରୋଧ କରାଯାଇଥିଲା। ଅଭିଯୋଗ କ୍ରମେ ଏହି ଅଞ୍ଚଳବାସୀ ମୁଖ୍ୟତଃ ଚାଷ ଉପରେ ନିର୍ଭର କରନ୍ତି। ହୀରାକୁଦରୁ ଜଳସେଚନ ହେବା ଫଳରେ ବିଭିନ୍ନ ଫସଲ ହେଉଥିଲା। ଏହାଛଡା ପ୍ରସ୍ତାବିତ ଜମି ନିକଟରେ ମଧ୍ୟ ଏକ ନଦୀ ଓ ଗ୍ରାମ୍ୟ ଜଙ୍ଗଲ ରହିଛି । ଯଦି ଏଠାରେ ଇଥାନଲ କମ୍ପାନୀ ଖୋଲାଯାଏ ତାହେଲେ ଅଞ୍ଚଳର ଚାଷ, ଗ୍ରାମ୍ୟ ଜଙ୍ଗଲ , ନଦୀ ପ୍ରଭାବିତ ହେବ । ବାୟୁ ଓ ଶବ୍ଦ ପ୍ରଦୂଷଣ ହେବ। ସମ୍ବଲପୁର ଜିଲା ରେଙ୍ଗାଲି ଅଞ୍ଚଳରେ ଦ୍ରୁତ ଶିଳ୍ପାୟନର କୁପ୍ରଭାବ ପୂର୍ବରୁ ଦେଖିବାକୁ ମିଳିଛି। ଉକ୍ତ ଜମିରେ ଚାଷ ହୋଇ ପାରିଲା ନାହିଁ। ସ୍ଥାନୀୟ ନିଯୁକ୍ତି ନାମରେ ଲୋକଙ୍କୁ ଠକି ଦିଆଯାଇଛି। ତେଣୁ ଗ୍ରାମସଭା କରାଯାଇ ଉକ୍ତ କମ୍ପାନୀ ହେଲେ ସବୁଜ ସୁନ୍ଦର ଅଞ୍ଚଳ ନଷ୍ଟ ହୋଇଯିବ। ପ୍ରଦୂଷଣ ହେବ ଦର୍ଶାଇ ରାଜ୍ୟ ସରକାରଙ୍କୁ ଚିଠି ଦିଆଯାଇଥିଲା। ଏଭଳି ପରିସ୍ଥିତରେ ପ୍ରଶାସନ ଅନୁମତି ନ ଦେବାକୁ ଦାବି ହୋଇଥିଲା। ସଭାରେ ଚାଷୀ,ମହିଳା ଓ ନେତାମାନେ ଉପସ୍ଥିତ ରହି ଅନୁମତି ଦେବା ବିରୋଧରେ ପ୍ରସ୍ତାବ ଦେଇଥିଲେ। ହେଲେ କମ୍ପାନୀ ଜଣେ ରାଜନେତାଙ୍କ ସମ୍ପର୍କୀୟଙ୍କର ବୋଲି ଅନୁମତି ପ୍ରଦାନ କରାଯାଇଥିବାର ଅଭିଯୋଗ ହେଉଛି।



ସମ୍ବଲପୁର କୁକୁଡାପାଲିରେ ଗଛ କଟାଯାଇଛି।

**କୁକୁଡାପାଲିରେ ପ୍ରସ୍ତାବିତ ଇଥାନଲ କମ୍ପାନୀ ପ୍ରସଙ୍ଗ**

- ଗ୍ରାମସଭାରେ ଉଠିଥିଲା ବିରୋଧର ସ୍ୱର
- ଜିଲା ପ୍ରଶାସନ ପାଖରେ କରିଥିଲେ ଅଭିଯୋଗ

# ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା




କର୍ମଶାଳାରେ ଯୋଗ ଦେଇଥିବା ଅତିଥିବୃନ୍ଦ।

**କୁଚିଣ୍ଡା, ୧୯।୩(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ପତ୍ରାପାଲି କଲ୍ୟାଣମଣ୍ଡପଠାରେ ରବିବାର ପାରୁଆବଭାଡି ଲ୍ୟାମ୍ପ୍ସ ସମିତି ସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଲ୍ୟାମ୍ପ୍ସ ସମିତି ସଭାପତି ହୃଦାନନ୍ଦ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି, ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ମୁଖ୍ୟବକ୍ତା, ଉପଜିଲାପାଳ ବିଭୁତି ଭୂଷଣ ନାୟକ,ଏଆରସିଏସ ଭବାନୀକାନ୍ତ ନାଏକ, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, ସମବାୟ ବ୍ୟାଙ୍କ ମ୍ୟାନେଜର ପ୍ରଦୀପ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ସମବାୟ ବିଭାଗ ପକ୍ଷରୁ ବିନା ସୁଧରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ କେସିସି ଋଣ ପ୍ରଦାନ ଏବଂ ୩ରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଏସଏସଜି ଗ୍ରୁପକୁ ଋଣ ପ୍ରଦାନ ବ୍ୟବସ୍ଥା ରହିଥିବା ନେଇ କହିଥିଲେ। ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ମଞ୍ଜିଲ ପଟେଲ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମଳୟ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବ୍ଲକର ୭ଟି ପଞ୍ଚାୟତର ଋଣୀ ଚାଷୀମାନେ ଯୋଗ ଦେଇଥିଲେ। ଶେଷରେ ଧନୀରାମ ନାୟକ ଧନ୍ୟବାଦ ଦେଇଥିଲେ।

# ଶାନ୍ତି ନାରାୟଣ ସ୍କୁଲର ବାର୍ଷିକୋତ୍ସବ




ଉତ୍ସବରେ ମଞ୍ଚାସୀନ ଅତିଥି।

**କୁଚିଣ୍ଡା, ୧୯।୩(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଅର୍ଡାବାହାଲସ୍ଥିତ ଶାନ୍ତି ନାରାୟଣ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକୋତ୍ସବ ଶନିବାର ପାଳିତ ହୋଇଯାଇଛି। ଏଥିରେ ଶିକ୍ଷକ ଗଙ୍ଗା ନାରାୟଣ ଦାଶ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ କନ୍ହେଇପାଲି ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ଡିଲେଶ୍ୱର ବେହେରା ମୁଖ୍ୟଅତିଥି ,ଅଧ୍ୟାପକ ଫକୀରମୋହନ ଦଣ୍ଡିଆ, ଅବସରପ୍ରାପ୍ତ ଶିକ୍ଷକ ରୂପଧର ସେଠ,ମହୁଲପାଲି ଥାନା ଏସଆଇ ଦିଲିପ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ଭଲପାଠ ପଢି ଦେଶର ଟେକ ରଖିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ରଞ୍ଜନ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନୁଷ୍ଠାନର ଡାଇରେକ୍ଟର ଜୟନାରାୟଣ ଜେନା ବିବରଣୀ ପାଠ କରିଥିଲେ। ଏହି ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷକ ଦିବ୍ୟଶଙ୍କର ସାହୁ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଗଛ ପଡ଼ି ରାସ୍ତା ଅବରୋଧ

**ସମ୍ବଲପୁର, ୧୯।୩(ବ୍ୟୁରୋ)**

ଶନିବାର ରାତିରେ ହାତୀବାରି-ନୂଆବାରଙ୍ଗାମାଲ୍ ପୂର୍ତ୍ତ ବିଭାଗ ରାସ୍ତାର ଖଇରମାଲ ଓରାମପଡ଼ା ନିକଟରେ ଏକ ବିରାଟ ବରଗଛ ଉପୁଡ଼ି ପଡିଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତା ଉପରେ ଗଛଟି ପଡ଼ି ରହିଥିଲା। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ମାନେଶ୍ୱର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛକୁ କାଟି ସଫା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଗଛ ପଡ଼ିବା ଦ୍ୱାରା କୌଣସି ଅଘଟଣ ଘଟି ନ ଥିବା ବେଳେ ଏହି ରାସ୍ତାରେ ଯାତ୍ରୀଙ୍କ ସୁରକ୍ଷା ନେଇ ସ୍ଥାନୀୟ ଅଞ୍ଚଳବାସୀ ଚିନ୍ତା ପ୍ରକଟ କରିଛନ୍ତି।



ସମ୍ବଲପୁର ହାତିବାରି ପୂର୍ତ୍ତ ବିଭାଗ ରାସ୍ତାରେ ଉପୁଡି ପଡିଥିବା ଗଛ କଟାଯାଉଛି।

# କାରଣ ଅସ୍ପଷ୍ଟ, ସରକାର ନୀରବ

**ନବଦାସ ହତ୍ୟାକାଣ୍ଡକୁ ୫୦ ଦିନ ପୂରିଲା**

- ଅନୌପଚାରିକ ଉପ ନିର୍ବାଚନ ପ୍ରଚାର
- କାରଣ ଜାଣିବା ଅପେକ୍ଷାରେ ରାଜ୍ୟବାସୀ

**ସମ୍ବଲପୁର, ୧୯।୩(ବ୍ୟୁରୋ)**

ଗତ ଜାନୁୟାରୀ ୨୯ ତାରିଖ ଦିନ ଝାରସୁଗୁଡା ଜିଲା ଗାନ୍ଧୀଛକରେ ଘଟି ଯାଇଥିଲା ଏକ ଅଭାବନୀୟ ଘଟଣା। ରାଜ୍ୟର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ସ୍ଥାନୀୟ ଫାଣ୍ଡିରେ କାର୍ଯ୍ୟରତ ପୋଲିସ ଏଏସଆଇ ଗୋପାଳ ଦାସ ଅତି ନିକଟରୁ ଗୁଳି କରି ହତ୍ୟା କରିଥିଲେ। ଏହି ହତ୍ୟାକାଣ୍ଡ ଜଣାପଡିବା ପରେ ସମଗ୍ର ରାଜ୍ୟ ସ୍ତବ୍ଧ ହୋଇଯାଇଥିଲା। ଘଟଣାର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ଦାୟିତ୍ୱ ଦିଆଯାଇଥିଲା। କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା ତଦନ୍ତର ଭାର ନେଇଥିଲେ। ଅଭିଯୁକ୍ତ ଗୋପାଳଙ୍କୁ ଗିରଫ କରିବା ପରେ ରିମାଣ୍ଡରେ ନିଆଯାଇଥିଲା। ପରେ ପାଇଖାନା ଟାଙ୍କି ଭାଙ୍ଗି ଚିଠି ବାହାର କରିବା, ନାର୍କୋ ପରୀକ୍ଷା ପାଇଁ ଭାଜପା ଶାସିତ ରାଜ୍ୟ ଗୁଜରାଟ ନେବା, ଗୋପାଳଙ୍କୁ ରାଜ୍ୟ ମେଡିକାଲ ଟିମ୍ ପାଗଳ ନୁହେଁ ବୋଲି କହିବା ପରେ ପୁଣି ଆଉ ଥରେ ପରୀକ୍ଷା କରିବା ପାଇଁ ବେଙ୍ଗାଲୁରୁ ନେବା ପାଇଁ ଯୋଜନା କରିବା, କୋର୍ଟରେ କ୍ରାଇମବ୍ରାଞ୍ଚକୁ ଭର୍ତ୍ସନା କରି ପାଗଳ ନୁହେଁ କାହିଁକି ପରୀକ୍ଷା କରିବ ବୋଲି ପଚାରିବା ଭଳି ଗୋଟିଏ ପରେ ଗୋଟିଏ ଘଟଣା ଏତେ ଦିନ ଭିତରେ ଘଟିଯାଇଛି। ହେଲେ କ୍ରାଇମବ୍ରାଞ୍ଚକୁ ଆଜି ପର୍ଯ୍ୟନ୍ତ ହତ୍ୟାର କାରଣ ଜାଣିବାରେ ସଫଳତା ମିଳି ପାରିନାହିଁ। ମୋଟାମୋଟି ଦେଖିବାକୁ ଗଲେ ଗୋପାଳ ପାଗଳ କି ନୁହେଁ ସେନେଇ ଯାଞ୍ଚ ଓ ତଦନ୍ତ କରାଯାଉଛି। ହେଲେ ହତ୍ୟାକାଣ୍ଡର କାରଣକୁ ନେଇ ତଦନ୍ତ କରାଯାଉନାହିଁ ବୋଲି ଅଭିଯୋଗ ହେଉଛି। ଫଳରେ ଏହି ଘଟଣାରେ ରାଜ୍ୟବାସୀଙ୍କର ସରକାର ଓ କ୍ରାଇମବ୍ରାଞ୍ଚ ଉପରୁ ଧୀରେ ଧୀରେ ଆସ୍ଥା ତୁଟିବାରେ ଲାଗିଛି। ଏହି ଘଟଣାକୁ ନେଇ ବିଧାନସଭା ଅଚଳ ହୋଇପଡିଥିଲା। ବିରୋଧୀ ଦଳ ଭାଜପା, କଂଗ୍ରେସ ଓ ଅନ୍ୟ ଦଳ ଘଟଣାକୁ ନିନ୍ଦା କରି ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଏହି ଘଟଣା ଆମେରିକାର ଫେଡେରାଲ ବ୍ୟୁରୋ ଅଫ ଇନ୍‌ଭେଷ୍ଟିଗେଶନ୍‌ର ସହାୟତା ନିଆଯିବ ବୋଲି ସୂଚନା ଦେଇଥିଲେ। ଯାହାକୁ ନେଇ ଶାସକ ଦଳ ବେଶ ଆଲୋଚନା କରିଥିଲା। ହେଲେ ଏହି ତଦନ୍ତ ଭାର ଏଫବିଆଇକୁ ଦିଆଯାଇଛି ତାହା କେଉଁ ସ୍ଥିତିରେ ରହିଛି ତାହା ମଧ୍ୟ ଜଣାପଡୁ ନାହିଁ। ହେଲେ ନବଙ୍କ ଝିଅ ଦିପାଳୀ ହତ୍ୟାକାଣ୍ଡ ନେଇ ସରକାର ଯାହା କରୁଛନ୍ତି ଓ ଯେଭଳି ଭାବେ ତଦନ୍ତ କରୁଛନ୍ତି ତାହା ଠିକ ହେଉଛି। ମୁଖ୍ୟମନ୍ତ୍ରୀ ଓ ସରକାର ଉପରେ ତାଙ୍କର ପୁରା ଭରସା ରହିଛି। ଏହି ଘଟଣା ରାଜନୀତି କରା ନ ଯାଉ ବୋଲି ବାରମ୍ବାର ଗଣମାଧ୍ୟମ ଆଗରେ ବୟାନ ଦେଉଛନ୍ତି। ଦିପାଳୀଙ୍କ ବୟାନକୁ ନେଇ ବିରୋଧୀ ରାଜନେତାମାନେ ମନ୍ତ୍ରୀ ଦାସ ରାଜ୍ୟର ମନ୍ତ୍ରୀ ଥିଲେ ଏହା ତାଙ୍କର ପରିବାର କଥା ନୁହେଁ ବୋଲି ଦିପାଲିଙ୍କୁ ସମାଲୋଚନା କରିଥିଲେ। ଅନ୍ୟପକ୍ଷରେ ଉପନିର୍ବାଚନ ତାରିଖ ଘୋଷଣା ହୋଇନାହିଁ। ହେଲେ ଅନୌପଚାରିକ ଭାବରେ ନିର୍ବାଚନ ପ୍ରଚାର ଆରମ୍ଭ ହୋଇଯାଇଛି। ବିଭିନ୍ନ ସଭା ସମିତିରେ ନବଙ୍କ ପରିବାର ସଦସ୍ୟଙ୍କୁ ଦେଖିବାକୁ ମିଳୁଛି। ଅନ୍ୟପଟେ ଭାଜପା ଓ କଂଗ୍ରେସର ଆଶାୟୀ ପ୍ରାର୍ଥୀମାନେ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଅତାବିରା ଏନଏସି ନିର୍ବାଚନ ପରେ ଶୀଘ୍ର ଝାରସୁଗୁଡା ଉପନିର୍ବାଚନ ତାରିଖ ଘୋଷଣା ହୋଇପାରେ ବୋଲି ମତପ୍ରକାଶ ପାଉଛି। ହେଲେ ଉପ ନିର୍ବାଚନ ପୂର୍ବରୁ ହତ୍ୟକାଣ୍ଡର କାରଣ ବିଷୟରେ ପ୍ରଶ୍ନ ପଚାରିବେ ଝାରସୁଗୁଡାବାସୀ। ତେଣୁ ରାଜ୍ୟ ସରକାର ସମୟ ପୂର୍ବରୁ କାରଣ ସ୍ପଷ୍ଟ କରନ୍ତୁ ବୋଲି ଆଲୋଚନା ହେଉଛି । ହତ୍ୟା ଘଟଣାରେ ରାଜ୍ୟର ଜଣେ ବରିଷ୍ଠ ପ୍ରଭାବଶାଳୀ ପ୍ରଶାସନିକ ଅଧିକାରୀ, ଜଣେ ପ୍ରଭାବଶାଳୀ ନେତା ଓ କେନ୍ଦ୍ର ଲିଙ୍କ୍ ଥିବା ନେଇ ମଧ୍ୟ ଆଲୋଚନା ଜୋର ଧରିଥିଲା। ରାଜନୈତିକ ଶତ୍ରୁତାଠାରୁ ବ୍ୟବସାୟିକ ଶତ୍ରୁତା କାରଣ ହୋଇପାରେ ବୋଲି ସନ୍ଦେହ ଘେରକୁ ଆସିଥିଲା। ଏଭଳି ଭାବେ ଘଟଣାକୁ ରବିବାର ୫୦ ଦିନ ପୂରି ଯାଇଛି। ହେଲେ ଏବେ ମଧ୍ୟ କାରଣ ଅସ୍ପଷ୍ଟ ରହିଥିବା ବେଳେ ଘଟଣାକୁ ନେଇ ରାଜ୍ୟ ସରକାର ଓ ଦାୟିତ୍ୱରେ ଥିବା କ୍ରାଇମବ୍ରାଞ୍ଚ ନୀରବ ରହିଛି। ଦିନ ଗଡି ଚାଲିଥିବା ବେଳେ ଲୋକଙ୍କ ମନରୁ ମଧ୍ୟ ଘଟଣା ଲିଭିଯିବାକୁ ବସିଛି।

